

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୫ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 APRIL 2021

Vol.No. 32 ■ No. 105 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷ୍ଣୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଜ୍ୟର ସବୁ ସହରରେ ସପ୍ତାହାନ୍ତ ସଟଡାଉନ

ବିଭିନ୍ନ ଜିଲ୍ଲାରେ ଚେକିଂ କଡାକଡି

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଆଜିଠାରୁ ରାଜ୍ୟର ସବୁ ସହରରେ ସପ୍ତାହାନ୍ତ ସଟଡାଉନ । ସୋମବାର ସକାଳ ଯାଏଁ ଦୋକାନ ବଜାର ବନ୍ଦ ରହିବ । କଟକଣାକୁ ଜୋରଦାର କରିବା ପାଇଁ ପୋଲିସ କଡ଼ାକଡ଼ି ଚେକିଂ କରୁଛି । ଆଜି ଓ ଆସନ୍ତାକାଲି ରାଜ୍ୟର ସବୁ ସହରାଂଚଳରେ ସଟଡାଉନ ନିୟମ ଲାଗୁ ରହିବ । ସୁନ୍ଦରଗଡ଼ ସଟ ଡାଉନ – ସୁନ୍ଦରଗଡରେ ମଧ୍ୟ କାୟା ବିସ୍ତାର କରୁଛି କରୋନା । ଆଜି ସୁନ୍ଦରଗଡରୁ ୭୮୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ଚେନ ଭାଙ୍ଗିବାକୁ ରାଜ୍ୟରେ ପ୍ରତି ସହରାଂଚଳରେ ସପ୍ତାହ ଶେଷ ଦିନରେ ସଟଡାଉନ ଘୋଷଣା କରାଯାଇଛି । କାମାକ୍ଷାନଗର ସଟଡାଉନ୍ – ସଟଡାଉନର ପ୍ରଭାବ ପଡିଛି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡରେ । କାମାକ୍ଷାନଗରରେ ଦୋକାନ ବଜାର ପୁରା ବନ୍ଦ ରହିଛି । ଗାଡି ମୋଟର ଚଳାଚଳ ପୁରା ଠପ୍ ହୋଇଯାଇଛି । କେବଳ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ ସେବା ବନ୍ଦ ରହିଛି । କାମାକ୍ଷାନଗର ପୋଲିସ ବିଭିନ୍ନ ଛକ ସ୍ଥାନ ଗୁଡିକରେ ଚେକିଂକୁ ଜୋରଦାର କରିଛି । ମାଲକାନଗିରି ସଟ ଡାଉନ – ଏହି ବନ୍ଦ ପାଇଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଚାଷୀ । ଆଜି ନିଜ କଷ୍ଟ ଉପାର୍ଜିତ ପନିପରିବା ନେଇ ବଜାରକୁ ଆସିଥିଲେ ଚାଷୀ । ହେଲେ ବଜାର ବନ୍ଦ କଟକଣା ପାଇଁ ବଜାରରେ ପନିପରିବା ବିକ୍ରି କରିପାରିନଥିଲେ । ଆଉ ବସ୍ତା ବସ୍ତା ପନିପରିବା ଧରି ନିରାଶ ହୋଇ ଘରକୁ ଫେରିଛନ୍ତି ଚାଷୀ । ତୋଳା ଯାଇଥିବା ପନିପରିବା ରହିଲେ ଖରାପ ହୋଇଯିବ । ଆଉ ସଟଡାଉନ ପାଇଁ ବଜାରରେ ବିକ୍ରି କରି ହେବନି ପନିପରିବା । ▶▶ପୃଷ୍ଠା ୭

ଆଜିଠାରୁ ବନ୍ଦ ରହିଲା ଜଗା ଦର୍ଶନ

ମେ ୧୫ ତାରିଖ ଯାଏଁ ସାଧାରଣ ଦର୍ଶନ ଉପରେ କଟକଣା

ପୁରୀ,୨୪/୦୪ (ନି.ପ୍ର): ବନ୍ଦ ହେଲା ଜଗା ଦର୍ଶନ । ଆଜିଠାରୁ ମେ' ୧୫ ତାରିଖ ଯାଏଁ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନକୁ ବନ୍ଦ ରଖାଯାଇଛି । ବଢୁଥିବା ସଂକ୍ରମଣ ଭିତରେ ଅକ୍ଷୟ ତୃତୀୟା, ଚନ୍ଦନଯାତ୍ରା ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । କରୋନାର ଦ୍ୱିତୀୟ ଲହରି ଏବଂ ବଢୁଥିବା ସଂଖ୍ୟାକୁ ନଜରରେ ରଖି ଜଗା ଦର୍ଶନ ପାଇଁ ଜାରି ହୋଇଥିବା ଏସଓପିରେ ପରିବର୍ତନ କରାଯାଇଛି । ଅନ୍ୟପଟେ ରଥଯାତ୍ରା ଭଳି ମହାନ ପରମ୍ପରାକୁ ଦୃଷ୍ଟିରେ ରଖି ନିଆଯାଇଥିବା ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି ସେବାୟତ । ଭଗବାନଠାରୁ ଭକ୍ତର ଦୂରତା ପୁଣି ଥରେ ବଢ଼ିଯାଇଛି, ଯେତେବେଳେ କରୋନାର ପ୍ରକୋପ ରାଜ୍ୟରେ ବଢ଼ି ବଢ଼ି ଚାଲିଛି । ଆସନ୍ତାମାସ ୧୫ ତାରିଖ ଯାଏଁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନକୁ ବନ୍ଦ କରିବାକୁ ନିଷ୍ପତି ନେଇଛି ପ୍ରଶାସନ । କାରଣ, ଆଗକୁ ଅକ୍ଷୟ ତୃତୀୟା, ▶▶ପୃଷ୍ଠା ୭

କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୪୬,୭୮୬ ନୂଆ ମାମଲା



ନୂଆଦିଲ୍ଲୀ,୨୪/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୪୬,୭୮୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨,୬୨୪ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୬୬,୧୦,୪୮୧ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୫,୫୨,୯୪୦ ଥିବା ବେଳେ ବର୍ତମାନ ସୁଦ୍ଧା ୧,୮୯,୫୪୪ଜଣ ମୃତ୍ୟୁ ବରଣ କରିଛନ୍ତି ।

ଜୁଏଲ ଓରାମ କରୋନା ସଂକ୍ରମିତ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ କରୋନା ଆକ୍ରାନ୍ତ ହୋଇଥିବା ଜଣା ପଡିଛି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସେ ଆଜି କୋବିଡ ପରୀକ୍ଷଣ କରାଇଥିଲେ ଓ ଏହା ପରେ ସେ ପଜିଟିଭ ଥିବା ଜଣା ପଡିଛି । ତେଣୁ କିଛି ଦିନ ମଧ୍ୟରେ ତାଙ୍କ ସହ ସମ୍ପର୍କରେ ଆସିଥିବା ସମସ୍ତଙ୍କୁ ସେ କରୋନା ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ।

ଆଜି ଓଡିଶା ଆସୁଛି ୧ ଲକ୍ଷ କରୋନା ଟିକା

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜ୍ୟକୁ ଆଜି ଆସିବ କୋଭିସିଲ୍ଡର ୧ଲକ୍ଷ ଡୋଜ । ଟିକା ଅଭାବ ଯୋଗୁଁ ଅଧିକାଂଶ ଟିକାକରଣ କେନ୍ଦ୍ର ବନ୍ଦ କରାଯାଇଥିଲା । ଟିକା ଆସିଲେ ସ୍ୱାଭାବିକ ହେବ ଟିକାକରଣ । ରାଜ୍ୟରେ କୋଭିଡ ଟିକାକରଣ ଜାରି ରହିଛି । ବର୍ତମାନ ରାଜ୍ୟରେ ୧ ଲକ୍ଷ କୋଭିସିଲ୍ଡ ଟିକା ଥିବା ବେଳେ ଆଜି ୧ଲକ୍ଷ ଡୋଜ ଆସିବ ଏନେଇ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।

କରୋନାକୁ ନେଇ ଦିଲ୍ଲୀ ହାଇକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୨୪/୦୪: ଦିଲ୍ଲୀରେ କରୋନା ରୋଗୀଙ୍କ ମୃତ୍ୟୁ ଓ ଅକ୍ସିଜେନ୍ ଅଭାବକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଦିଲ୍ଲୀ ହାଇକୋର୍ଟ । କୋର୍ଟ କହିଛନ୍ତି, ଅମ୍ଳଜାନ ଯୋଗାଣରେ ବାଧା ସୃଷ୍ଟି କଲେ କ୍ଷମା ଦିଆଯିବ ନାହିଁ । କୌଣସି ଡାକ୍ତରଖାନାକୁ ଅକ୍ସିଜେନ୍ ଯୋଗାଣରେ ଯଦି କିଏ ବାଧା ସୃଷ୍ଟି କରେ ତେବେ ତାକୁ ଫାଶି ଦଣ୍ଡ ଦିଆଯାଇପାରେ । ଅମ୍ଳଜାନର ଘୋର ଅଭାବ ଦେଖା ଦେବା ପରେ ଏହାକୁ ନେଇ ଦିଲ୍ଲୀର ପ୍ରମୁଖ ହସ୍ପିଟାଲ ଗୁଡିକ ଦିଲ୍ଲୀ ହାଇକୋର୍ଟରେ ଆବଦନ କରିଥିଲେ । ଏହାର ଶୁଣାଣୀ ବେଳେ ଅକ୍ସିଜେନ ଅଭାବକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି କୋର୍ଟ । ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ଯୋଗାଣ ହେଉନଥିବା କୁହାଯାଇଛି । ରାଜଧାନୀର ସ୍ଥିତିକୁ ଦେଖି ଦିଲ୍ଲୀ ହାଇକୋର୍ଟ ଆହୁରି ମଧ୍ୟ କହିଛନ୍ତି, ଏହା କରୋନାର ଦ୍ୱିତୀୟ ଲହର ନୁହେଁ ବରଂ ସୁନାମୀ । ତେବେ ଦିଲ୍ଲୀ ସରକାର, କୋର୍ଟଙ୍କୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ▶▶ପୃଷ୍ଠା ୭

୨୬ରୁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ୨ରୁ ୩ ଦିନ ମଧ୍ୟରେ ତାପମାତ୍ରାରେ ୨/୩ ଡିଗ୍ରୀ ବୃଦ୍ଧି ଘଟିପାରେ । ତେବେ ୨୬ ତାରିଖରୁ କିଛି ସ୍ଥାନରେ କାଳବୈଶାଖୀ ବର୍ଷା , ବଜ୍ରପାତ ସହ ଘୂର୍ଣ୍ଣି ଝଡ ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ୨୯ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିପାରେ । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ୨୬ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ମଧ୍ୟରେ ମାଲକାନଗିରି , କୋରାପୁଟ ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ହୋଇପାରେ । ଏଥିପାଇଁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ମଧ୍ୟରେ ମାଲକାନଗିରି , କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ , କେନ୍ଦୁଝର ଓ ମୟୁରଭଂଜ ଏବଂ ୨୮ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ମଧ୍ୟରେ ମାଲକାନଗିରି, କେରାପୁଟ , ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ , ନୟାଗଡ, ବୌଦ୍ଧ , କେନ୍ଦୁଝର, ମୟୁରଭଂଜ ଓ ବାଲୋଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ସହ ବଜ୍ରପାତ ହୋଇପାରେ । ଏଥିପାଇଁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ପଶ୍ଚିମବଙ୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ 'ପୂର୍ବୋଦୟ' ଭର୍ଚୁଆଲ ଆଲୋଚନା ଚକ୍ର

ପଶ୍ଚିମବଙ୍ଗ/ଭୁବନେଶ୍ୱର, ୨୪/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କଳ୍ପନା କରାଯାଇଥିବା 'ପୂର୍ବୋଦୟ' ଏକ ନାରା ନୁହେଁ, ଏକ ରାଜନୈତିକ ବିଷୟ ନୁହେଁ ବରଂ ପୂର୍ବ ଭାରତର ସୁନ୍ଦର ଭବିଷ୍ୟତ ପାଇଁ ଏକ କଳ୍ପନା ବୋଲି ଶନିବାର 'ପୂର୍ବୋଦୟ' ଉପରେ ଆୟୋଜିତ ଏକ ଭର୍ଚୁଆଲ ଆଲୋଚନା ଚକ୍ରରେ ପଶ୍ଚିମବଙ୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତ ପାଇଁ ଥିବା ନୂଆ ସମ୍ଭାବନା ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗର ନିର୍ବାଚନ 'ପୂର୍ବୋଦୟ' ପାଇଁ ନୁହେଁ ବରଂ 'ପୂର୍ବୋଦୟ' ମାଧ୍ୟମରେ ପଶ୍ଚିମବଙ୍ଗର ଭବିଷ୍ୟତର ବିକାଶ-ପାଇଁ । ପଶ୍ଚିମବଙ୍ଗରେ ନୂତନ ସୂର୍ଯ୍ୟ ଉଦୟ ପାଇଁ ଏଥର ନିର୍ବାଚନ । ବର୍ତମାନ ସମୟରେ ନୂଆ ବିଚାର ଆପଣାଇବାକୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' କଳ୍ପନାରେ ପୂର୍ବ ଭାରତର ବିକାଶ ପାଇଁ ପୂର୍ବପୁରୁଷ ମାନଙ୍କର ବିଚାରକୁ ଆପଣାଇବାକୁ ହେବ । ବର୍ତମାନ ସମୟରେ ପୂର୍ବୋଦୟର ଆବଶ୍ୟକତା କାହିଁକି ? କେବଳ ଭୌଗଳିକ ଦୃଷ୍ଟିରୁ ପୂର୍ବ ଭାରତ ସମ୍ପନ୍ନ ନୁହଁ ବରଂ ଏହି ଅଂଚଳରେ ବସବାସ କରୁଥିବା ▶▶ପୃଷ୍ଠା ୭

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ କ୍ୱାରେଣ୍ଟିନ କଟକଣାରେ ସାମାନ୍ୟ ପରିବର୍ତ୍ତନ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ବେଙ୍ଗଲ ଫେରନ୍ତା ପାଇଁ ଜାରି କରାଯାଇଥିବା କ୍ୱାରେଣ୍ଟିନ ନିୟମରେ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର । କୌଣସି ବ୍ୟକ୍ତି ପଶ୍ଚିମବଙ୍ଗରୁ ଓଡିଶା ଫେରୁଥିଲେ ଯଦି ତାଙ୍କ ପାଖରେ କରୋନା ଟିକା ନେଇଥିବାର ପ୍ରମାଣପତ୍ର ଥିବ ତେବେ ତାଙ୍କୁ ୧୪ ଦିନ ନୁହେଁ ବରଂ ୭ ଦିନ ପାଇଁ ସଙ୍ଗରୋଧରେ ରହିବାକୁ ପଡିବ । ଏନେଇ ଆଜି ଏକ ନୂଆ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି ଏସଆରସି ପ୍ରଦୀପ ଜେନା ।

ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଶନିବାର ରାଜ୍ୟର ୧୨ ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ୪୨.୧ ଡିଗ୍ରୀ ସହ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତପ୍ତ ସହର ହୋଇଛି । ଆଗାମୀ ୨ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଶନିବାର ସକାଳୁ ଖରାର ପ୍ରକୋପ ଆରମ୍ଭ ହୋଇଯାଇଥିଲା । ଦିନ ୧୦ଟା ବେଳକୁ ତାତି ଅସହ୍ୟ ହୋଇଥିଲା । ଏହି କ୍ରମରେ ୪୨.୧ ଡିଗ୍ରୀ ସେଲସିୟସ୍ ସହ ଭାଜି ହୋଇଥିଲା ରାଜଧାନୀ । ଏହାପଛକୁ ବୌଦ୍ଧରେ ୪୨ ଡିଗ୍ରୀ, ସୁବର୍ଣ୍ଣପୁରରେ ୪୧.୮, ବାରିପଦା ୪୧.୬, ଟିଟିଲାଗଡ ୪୧ , ସମ୍ବଲପୁର ୪୧,ଝାରସୁଗୁଡା ୪୦.୫ , ଅନୁଗୁଳ ୪୦.୩ , ବଲାଙ୍ଗୀର ୪୦.୩ , ତାଳଚେର ୪୦.୧ , ନୟାଗଡ ୪୦, ଭବାନୀପାଟଣା ୪୦ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି କଟକରେ ୩୯.୮ ଡିଗ୍ରୀ ରେକର୍ଡ କରାଯାଇଛି ।

ଗୋଟିଏ ଦିନରେ ୬୬୪୭ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦୧୩୪୧

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୬୪୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୦୧୩୪୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୫୬୦୦୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୪୩୩୦୪ ରହିଛି । ଆଜି ଚିହ୍ନଟ ହୋଇଥିବା ୬୬୪୭ ଜଣଙ୍କ ମଧ୍ୟରୁ ୩୮୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୭୯୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ▶▶ପୃଷ୍ଠା ୭

ଚମୋଲି ହିମସ୍ଖଳନ : ୮ ମୃତ, ୩୮୪ ଲୋକଙ୍କୁ ଉଦ୍ଧାର କଲା ସେନା

ଉତ୍ତରାଖଣ୍ଡ,୨୪/୦୪ (ନି.ପ୍ର): କରୋନା କାଳରେ ଉତ୍ତରାଖଣ୍ଡରେ ପୁଣି ଏକ ବିପଦ ଲୋକମାନଙ୍କୁ ଅସୁବିଧାରେ ପକାଇଛି । ଶୁକ୍ରବାର ଦିନ ଚମୋଲି ଜିଲ୍ଲାର ସୁମନା ଅଞ୍ଚଳରେ ହୋଇଥିବା ହିମସ୍ଖଳନରେ ଅନେକ ଲୋକ ଫସି ଯାଇଛନ୍ତି । ସେନା ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେନାର ସୂଚନା ମୁତାବକ ବର୍ତମାନ ପର୍ଯ୍ୟନ୍ତ ୩୮୪ ଲୋକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଥିବା ବେଳେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏଠାରେ ଦୀର୍ଘ ୫ ଦିନ ହେବ ଲଗାତର ବରଫ ପଡୁଛି ଓ ବର୍ଷା ହେଉଛି । ଫଳରେ ସୁମନା ରିମଖିସ ରୋଡର ୪ କିଲୋମିଟର ପର୍ଯ୍ୟନ୍ତ ହିମସ୍ଖଳନ ହେଉଛି । ଫଳରେ ନିକଟରେ ଥିବା ବୋର୍ଡର ରୋଡ ଓ ଦୁଇଟି ଶ୍ରମିକ କ୍ୟାମ୍ପ ବରଫ ଭିତରେ ଫସି ଯାଇଛି । ଅନ୍ୟପଟେ ଖରାପ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ରାତିସାରା ସେନା ଉଦ୍ଧାର କାର୍ଯ୍ୟରେ ଲାଗି ବିଆରଓ କ୍ୟାମ୍ପରୁ ୧୫୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧର କରିଛି । ସେମାନଙ୍କୁ ସେନା କ୍ୟାମ୍ପରେ ରଖାଯାଇଛି ବୋଲି ସେନା କହିଛି । କହିରଖୁ କି ଏହାପୂର୍ବରୁ ଫେବୃଆରୀ ୭ ତାରିଖରେ ଗ୍ଲେସିୟର ଭାଙ୍ଗିବା କାରଣରୁ ଏଠାରେ ବଡ ଦୁର୍ଘଟଣା ହୋଇଥିଲା । ଫଳରେ ଅନେକ ଲୋକଙ୍କର ଜୀବନ ଯାଇଥିଲା । ଏବେ ବି କିଛି ଲୋକ ନିଖୋଜ ରହିଛନ୍ତି ।

ବୃକ୍ଷରୋପଣ କରାନଯାଇ ୪୫ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ

ଗଞ୍ଜାମ,୨୪/୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ବ୍ରହ୍ମପୁର ଉନ୍ନୟନ ନିଗମ (ବିଡ଼ିଏ) ପକ୍ଷରୁ ବୃକ୍ଷରୋପଣ କରାନଯାଇ ୪୫ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହେଉଛି । ବ୍ୟକ୍ତିଗତ ଉଦ୍ୟମରେ କିମ୍ବା ଅନ୍ୟ ଅନୁଷ୍ଠାନ ଦ୍ୱାରା ଲଗାଯାଇଥିବା ଗଛକୁ ତାର ଜାଲି ଦ୍ୱାରା ଆବୃତ କରିବା ପାଇଁ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଆରଟିଆଇ ସୂତ୍ରରୁ ଜଣାପଡିଛି । ସ୍ଥାନୀୟ ଜଣେ ସାମାଜିକ କର୍ମୀ ଆରଟିଆଇକୁ ଏହି ତଥ୍ୟ ମାଗି ସୂଚନା ପାଇଛନ୍ତି । ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ତଥା ବିଜେଡ଼ି ନେତା ସୁବାଷ ମହାରଣା ଦାୟୀତ୍ୱରେ ଥିଲା ବେଳେ ଏହି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି । ଏହି ଘଟଣାରେ ଗଞ୍ଜାମ ଜିଲ୍ଲା କଂଗ୍ରେସର ସମ୍ପାଦକ ପୀତବାସ ପଣ୍ଡା ଘଟଣାର ତୀବ୍ର ନିନ୍ଦା କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ତେବେ ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ମହାରଣା ଏବଂ ପୂର୍ବତନ ବିଧାୟକ ଡଃ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ବିବୃତିରେ କହିଛନ୍ତି ଯେ, ଏଥିରେ କୌଣସି ଦୁର୍ନୀତି ହୋଇନାହିଁ । ଅନ୍ୟ ଜଣେ ପରିବେଶବିତ୍ ସୁଧିର ରାଉତ ଘଟଣାର ତଦନ୍ତ ଦାବି କରିଛନ୍ତି ।

କାର୍ଯ୍ୟକ୍ଷମ ହେଲା ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ଓ ତିନୋଟି କୋଭିଡ୍ କେୟାର ସେଂଟର

ଗଞ୍ଜାମ,୨୪/୪ (ନି.ପ୍ର): ବ୍ରହ୍ମପୁରରେ ଆଜି ଠାରୁ ଆଉ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର କୋଭିଡ୍ ପାଇଁ ଆରମ୍ଭ ହୋଇଛି । ମୀନାକ୍ଷୀ ନଗର ଠାରେ ଥିବା ସରକାରୀ କୋଠାକୁ ୧ ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ସହ ଅନ୍ଧ ପସରା ରୋଡ଼ରେ ଥିବା ଏକ ଛାତ୍ରାବାସରୁ ୨୫୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇଦେବା ବ୍ୟବସ୍ଥା ସହ ମୀନାକ୍ଷୀ ନଗର ଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ ସଂଲଗ୍ନ ୧୦୦ ଶଯ୍ୟା ପ୍ରସ୍ତୁତ ରଖାଯାଇଛି । ଏହା ବ୍ୟତୀତ ଆଇଟିଆଇ ଇଞ୍ଜିନିୟରିଂ ସ୍କୁଲ ଛାତ୍ରାବାସ ସହିତ ବିଦ୍ୟୁତ ପୁରୀ କଲୋନୀ ସରକାରୀ କୋଠାକୁ କୋଭିଡ୍ କେୟାର୍ ୟୁନିଟ୍ ଭାବେ ବ୍ୟବହାର କରାଯିବ । ଉକ୍ତ କୋଭିଡ୍ କେୟାର ସେଂଟରକୁ ରୋଗୀ ସିଧାସଳଖ ଯାଇ ନିଜର ନାମ ପଞ୍ଜିକୃତ କରିବା ସହ ଚିକିତ୍ସା ସୁବିଧା ଉପଲବ୍ଧ କରିପାରିବେ । ଯେଉଁମାନେ ସିଧାସଳଖ ଯାଇପାରୁନାହାଁନ୍ତି ସେମାନଙ୍କୁ ନିଗମ ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିବାର ସମସ୍ତ ବନ୍ଦୋବସ୍ତ କରାଯାଇଛି । କୋଭିଡ୍ କେୟାର ସେଂଟରରେ ରହି ଚିକିତ୍ସିତ ହେଉଥିବା ବେଳେ ଯଦି ଅଧିକ ଚିକିତ୍ସାର ଆବଶ୍ୟକ ପଡେ, ତେବେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯିବ । ଏଥିପାଇଁ ନିଗମର କର୍ମଚାରୀ ୨୪ ଘଂଟିଆ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି ବୋଲି ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି ।

ଫୌଜଦାରୀ ଆଇନ ସମ୍ବନ୍ଧରେ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୪/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ କରୋନା କଟକଣା ହେତୁ ଅନଲାଇନ ମାଧ୍ୟମରେ ଫୌଜଦାରୀ ଆଇନ ସମ୍ବନ୍ଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜ୍ଞାନ ରଞ୍ଜନ ପଟ୍ଟନାୟକ, ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତର ବିଚାର ପତି ମଳୟ କୁମାର ପ୍ରଧାନ ଉପସ୍ଥିତ ରହି ଫୌଜଦାରୀ ଆଇନରେ ଥିବା ବିଭିନ୍ନ ବ୍ୟବସ୍ଥା ତଥା ଏତଲା, ଜାମିନ, ସମନ, ୱାରେଣ୍ଟ, ଲୋକଙ୍କର ଆଇନଗତ ପତିନିଧିତ୍ୱ ଅଧିକାର ଅପିଲ ଏବଂ ଦୋଷ ସ୍ୱୀକାର ସମ୍ବନ୍ଧୀୟ ଆଇନ ଉପରେ ଆଲୋଚନା କରିଥିଲେ । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ଗୋପାଳ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ୟାନେଲ ଲୟର, ପିଏଲଭି, ଏବଂ ସ୍କୁଲର ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାଧିକରଣର କର୍ମକର୍ତା ମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବଜ୍ରପାତରେ ଯୁବକର ମୃତ୍ୟୁ

ମାଲକାନଗିରି,୨୪/୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ବଦଲି ପଂଚାୟତ ସ୍ଥିତ ପୋଟେରୁ ଗ୍ରାମରେ ବଜ୍ରପାତରେ ଜଣେ ଯୁବକର ମୃତ୍ୟୁ ହୋଇଛି।ମୃତ ଯୁବକ ଜଣକ ହେଲେ ମନୋଜ ସାହୁ (୨ ୩) । ସେ ଗାଁ ଠାରୁ ଦୁଇ କିଲୋମିଟର ଦୂରରେ ଥିବା ବାଦାମ ଜମି କୁ ଶୋଇବାକୁ ଯାଇଥିବାବେଳେ ରାତ୍ରରେ ବଜ୍ରପାତରେ ମନୋଜ ମୃତ୍ୟୁ ବରଣ କରିଥିଲା।ଆଜି ସକାଳୁ ତାଙ୍କ ଭାଇ ଜମିକୁ ଯାଇଥିବାବେଳେ ମନୋଜ ମରି ପଡ଼ିଥିବା ଦେଖି ପରିବାର ଓ ଗାଁ ଲୋକଙ୍କୁ ଜଣାଇଥିଲୋପୋଟେରୁ ଫାଣ୍ଡି ପୋଲିସ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲୋପୋଲିସ ଏକ ଅପମୃତ୍ୟ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ବଣାଇ ସିଭିଲ୍ କୋର୍ଟ କୋଠାକୁ ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ କଂଟେନମେଂଟ ଜୋନ୍ ଘୋଷଣା

♦ ଷ୍ଟିଲ୍ ଟାଉନସିପ୍ ଅଂଚଳ ଓ ଜଗଦା ଅଂଚଳରେ ମାଇକ୍ରୋ କଂଟେନମେଂଟ ଜୋନ୍

♦ ସୁନ୍ଦରଗଡ଼ ଜିଲ୍ଲାରେ ନୂଆ ୬୮୪ ସଂକ୍ରମିତ ଚିହ୍ନଟ

ରାଉରକେଲା,୨୪/୪ (ନି.ପ୍ର): ବଣାଇ ସିଭିଲ୍ କୋର୍ଟ କୋଠାକୁ ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ କଂଟେନମେଂଟ ଜୋନ୍ ଘୋଷଣା କରିଛନ୍ତି ଉପଜିଲ୍ଲାପାଳ । ଏଠାରୁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ପ୍ରକାଶ ଥାଉକି, ପୂର୍ବରୁ ଗତ ୧୭ ତାରିଖରୁ ୨୨ ତାରିଖ ଯାଏଁ ଏହାକୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଥିଲା । ଅନୁରୂପ ଭାବେ ରାଉରକେଲାର ଷ୍ଟିଲ୍ ଟାଉନସିପ୍ ଅଂଚଳ ଓ ଜଗଦା ଅଂଚଳରେ ସଂକ୍ରମିତଙ୍କ ସଖ୍ୟା ଅଧିକ ରହିଥିବାରୁ ଆଜି ରାଉରକେଲା ମହାନଗର ନିଗମ କମିଶନର ସେସବୁ ଅଂଚଳକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରିଛନ୍ତି । ନିୟମ ଅନୁସାରେ ଏସବୁ ଅଂଚଳକୁ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରୀ କରାଯାଇଛି । ଏହା ପୂର୍ବରୁ ଇନକମ୍ ଟ୍ୟାକ୍ସ କଲୋନୀ, ସେକ୍ଟର-୨୦ ଓ ସେକ୍ଟର-୧ ର କେତେକ ଅଂଚଳକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଜିଲ୍ଲାରେ ଆଜି ୬୮୪ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗତ ଏକ ସପ୍ତାହ ଧରି ପ୍ରତ୍ୟେକ ଦିନ ୫୦୦ ରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ସେପଟେ ରାଉରକେଲାର ତିନୋଟି ଡ଼ାକ୍ତରଖାନାକୁ କୋଭିଡ୍ ଆକ୍ରାନ୍ତଙ୍କ ନିମନ୍ତେ ପ୍ରସ୍ତୁତ କରି ରଖାଯାଇଛି ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଉଥିବା ବେଳେ ଗତବର୍ଷ କାର୍ଯ୍ୟକାରୀ ହୋଇଥିବା ବିପିୟୁଟି କୋଭିଡ୍ କେୟାର ସେଂଟରକୁ ପୁନଃ କାର୍ଯ୍ୟକାରୀ କରିବା ଓ ଏଥିରେ ନ୍ୟାସନାଲ ଇଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏନଆଇଟି)ର କିଛି ଘରକୁ କୋଭିଡ୍ କେୟାର୍ ସେଂଟର ଭାବେ ପ୍ରସ୍ତୁତ କରିବା ନିମନ୍ତେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବା ନେଇ ସୂଚନା ଦେଇଥିଲେ । ତେବେ ଏହା ସତ୍ତ୍ୱେ ରାଉରକେଲାରେ ସଂକ୍ରମିତଙ୍କ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ବିପିୟୁଟିରେ ପୂର୍ବ ବର୍ଷ ହୋଇଥିବା ୩୪୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଂଟରରେ ଥିବା ଶଯ୍ୟା ଓ ବିଭିନ୍ନ ସାମଗ୍ରୀ ସମ୍ପୂର୍ଣ୍ଣ ଖାଲି ହୋଇଯିବା ଏବଂ ଏସବୁ କୁଆଡେ ଗଲା ସେନେଇ ସାଧାରଣରେ ନାନା ପ୍ରଶ୍ନ ଉଠିଛି ।

କେନ୍ଦ୍ରାପଡା ଏସପିଙ୍କର ମାସ୍କ୍ସ ଚେକିଂ ଅଭିଯାନ

କେନ୍ଦ୍ରାପଡ଼ା,୨୪/୪ (ନି.ପ୍ର): କେନ୍ଦ୍ରାପଡା ପୋଲିସ ପ୍ରଶାସନ ପକ୍ଷରୁ ମାସ୍କ୍ସ ବ୍ୟବହାରକୁ ନିଶ୍ଚିନ୍ତ କରିବା ପାଇଁ ଚେକିଂ ଅଭିଯାନ ଆରମ୍ଭ କରାଯାଇଛି । ଦୋକାନ ମାଲିକ, ଗ୍ରାହକ ଓ ଯାନବାହନରେ ଯାତାୟତ କରୁଥିବା ଲୋକମାନେ ମାସ୍କ୍ସ ବ୍ୟବହାର କରିବାକୁ ବାଧ୍ୟ କରାଯାଇ ଥିବାବେଳେ ତାହା ପାଳନ କରାଯାଉଛି କି ନାହିଁ ତନଖି କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ମଡକର ନିଜେ ପୁରୁଣା ବସଷ୍ଟାଣ୍ଡ ଠାରୁ ଆରମ୍ଭ କରି ସାନ୍ତସାହି ପୋଲ ପର୍ଯ୍ୟନ୍ତ ଚାଲିଚାଲି ତଦାରଖ କରିଥିଲେ । ଯେଉଁମାନେ ମାସ୍କ୍ସ ପିନ୍ଧି ନାହାନ୍ତି ସେମାନଙ୍କର ଠାରୁ ଜରିମାନା ଆଦାୟ କରିବା ସହିତ ତାଙ୍କୁ ତାଗିଦ କରିଥିବା ଜଣାପଡିଛି ।

ମାରପିଟ୍ ଘଟଣାରେ ଜେଟିପି ପୋଲିସ ନିଲମ୍ବିତ

ପୁରୀ,୨୪/୪ (ନି.ପ୍ର): ଗତ କିଛି ଦିନ ତଳେ ଶ୍ରୀମନ୍ଦିର ଭିତର କାଠ ନିକଟରେ ଦୁଇଜଣ ଜେଟିପି ପୋଲିସ ମାରପିଟ୍ ହୋଇଥିଲେ। ଏଥିଯୋଗୁଁ ଭିତରକାଠ ନିକଟରେ ରକ୍ତ ଛିଟା ପଡିଥିଲା । ଯାହାଫଳରେ ମହାପ୍ରଭୁଙ୍କୁ ବଡ ମହାସ୍ନାନ କରାଯାଇଥିଲା । ବଡ ମହାସ୍ନାନ ଯୋଗୁଁ ଶ୍ରୀଜୀଉଙ୍କ ନୀତିକାନ୍ତି ୨ ଘଂଟା ବିଳମ୍ବ ହୋଇଥିଲା । ଏହି ଘଟଣାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଆଜି ଗଙ୍ଗାଧର ପ୍ରଧାନ ନାମକ ଜଣେ ଜେଟିପି ପୋଲିସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଏହା ସହ ଆହତ ଜେଟିପି ମନୋଜ ମହାପାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ କରାଯାଇଛି ।

କରୋନା ଟିକା ନେବାପାଇଁ ଲମ୍ବାଧାଡି

କେନ୍ଦ୍ରାପଡ଼ା,୨୪/୪ (ନି.ପ୍ର): କରୋନା ଟୀକା ନେବାପାଇଁ ଜନ ସାଧାରଣଙ୍କ ମଧ୍ୟରେ ବିଶେଷକରି ମଧ୍ୟ ବୟସ୍କ ଓ ବୟସ୍କ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଥିବା ବେଳେ ଶୁକ୍ରବାର ଗୋଟିଏ ଦିନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଟୀକା ନେଇଥିବା ବେଳେ ସମଗ୍ର ଜିଲ୍ଲାରେ ୪୦୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଟୀକା ନେଇଥିବା ଜଣାପଡିଛି । ଆସନ୍ତା ଶନିବାର ଓ ରବିବାର ଦୁଇଦିନ ସଟ୍ ଡାଉନ କାରଣରୁ ଟୀକାକରଣ ବନ୍ଦ ରହୁଥିବାରୁ ବହୁ ସଂଖ୍ୟକ ଲୋକ ଦୀର୍ଘ ସମୟ ଧରି ଲମ୍ବା ଧାଡିରେ ଛିଡାହୋଇ ଟୀକା ନେବାର ଦେଖିବାକୁ ମିଳିଛି । ଏହି ଧାଡିରେ ବିଜେପି ନେତ୍ରୀ କଳ୍ପନା ମଲିକ ମଧ୍ୟ ଛିଡାହୋଇ ଟୀକା ନେବାର ଦେଖିବାକୁ ମିଳିଛି ।

ଦୁର୍ଘଟଣାକୁ ନେଇ ମାରପିଟ: ଜାତିଆଣା ନେଇ ଆକ୍ରମଣ, ବାଦ୍ ପଡିଲେନି ମହିଳା, ଦୁଇ ମାମଲା ସହ ୩ ଅଟକ

କୋରେଇ,୨୪/୪ (ନି.ପ୍ର): ଏକ ସମାନ୍ୟ ଦୁର୍ଘଟଣାକୁ କେନ୍ଦ୍ର କରି ଜାତିଆଣାକୁ ନେଇ ଏକ ଗ୍ରାମର ଅଧିବାସୀ ବହୁ ସଂଖ୍ୟାରେ ଅନ୍ୟ ଗ୍ରାମରେ ପଶି ମାରପିଟ କରିବା ସହ ମହିଳା ମାନଙ୍କୁ ମାରପିଟ କରିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ୨ଟି ମାମଲା ରୁଜୁ କରିବା ସହ ଉଭୟ ଗୋଷ୍ଠୀର ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶଯେ କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ମିର୍ଜାପୁର ଗ୍ରାମର ପ୍ରଦୀପ ମଲିକ ବାଇକ ଯୋଗେ ଯାଜପୁରରୋଡ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା । ଫଳରେ ପ୍ରଦୀପ ସମାନ୍ୟ ଆହତ ହେବା ସହ ଉକ୍ତ ଟ୍ରକକୁ ଅଟକାଇଥିଲେ । ଏହାକୁ ନେଇ ଟ୍ରକ ଚାଳକ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ ସେ ତାଙ୍କର ସର୍ମ୍ପକୀୟ ନିକଟସ୍ଥ ଶଗଡି ଗ୍ରାମକୁ ଫୋନ କରିଥିଲେ । କିଛି ବୁଝିବା ବଦଳରେ ଶଗଡି ଗ୍ରାମରୁ କିଛି ଯୁବକ ଆସି ମିର୍ଜାପୁର ଗ୍ରାମରେ ମାରପିଟ ଆରମ୍ଭ କରିଥିଲେ । ଏହି ମାରପିଟରେ ମହିଳାମାନେ ମଧ୍ୟ ଆହତ ହୋଇଥିଲେ । ଖବରପାଇ ଘଟଣାସ୍ଥଳେ ପୁଲିସ ପହଂଚିବା ପରେ ଉତେଜନା ହ୍ରାସ ପାଇଥିଲା । ଏନେଇ ପୁଲିସ ଶଗଡି ଗ୍ରାମର ଦୁଇ ଜଣ ଓ ହାଟସାହି ଗ୍ରାମର ଜଣଙ୍କୁ ଥାନାକୁ ଧରିଆଣିଥିଲା । ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ ହେବା ସହ ୩ଜଣଙ୍କୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି । ଆହତ ମହିଳାମାନେ ଥାନାରେ ନ୍ୟାୟ ଦାବିରେ ବସିରହିଛନ୍ତି ।

କନ୍ଧମାଳ ଜିଲ୍ଲା ଗୋଛାପଡା ଅଂଚଳରୁ ୬୧୦ କିଗ୍ରା ଗଞ୍ଜେଇ ଜବତ

ବାହାର ଜିଲ୍ଲାକୁ ଚାଲାଣ ପାଇଁ ଗଚ୍ଛିତ ଥିବାବେଳେ ପୋଲିସର ଚଢାଉ, ଜଣେ ଗିରଫ ୪ ଫେରାର

କନ୍ଧମାଳ,୨୪/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳ ବାଗଡୁଙ୍ଗୁରିରେ ଜଣେ ବ୍ୟକ୍ତିଙ୍କ ଘରେ ଏବଂ ସେ କରିଥିବା ଦୋକାନରେ ଜିଲ୍ଲା ବାହାରକୁ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଗୋଛାପଡା ଥାନା ପୋଲିସ ଚଢାଉ କରି ୧୨ଟି ବସ୍ତାରେ ୬୧୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ୪ ଜଣଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଗିରଫ କରିଛି । ଘର ମାଲିକ ସମେତ ଅନ୍ୟ ୩ ଜଣ ପୋଲିସ ପହଂଚିବା ଖବର ପାଇ ସେଠାରୁ ଫେରାର ହୋଇଯାଇଥିବା ନେଇ ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଗୋଛାପଡା ଥାନା ଅଂଚଳରେ ଥିବା ବାଗଡୁଙ୍ଗୁରି ଗ୍ରାମର ପ୍ରଶନ୍ନ ଭୋଇ ନାମକ ଜଣେ ବ୍ୟକ୍ତି ତାର ବାସଗୃହ ଏବଂ ଦୋକାନରେ ଏହି ଗଞ୍ଜେଇକୁ ପଡୋଶୀ କଣ୍ଢାମାଳକୁ ଚାଲାଣ କରିବା ଉଦ୍ଦେଶ୍ୟରେ ଗଚ୍ଛିତ ରଖିଥିବା ଖବର ପାଇବାପରେ ପୋଲିସ ପକ୍ଷରୁ ଗତ ଗୁରୁବାର ଦିନ ପୁର୍ବାହ୍ନରେ ଗୋଛାପଡା ଥାନା ଅଧିକାରୀ ତୃପ୍ତିକାନ୍ତ ନାୟକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ବାଗଡୁଙ୍ଗୁରୀ ଗାଁର ଗଜେନ୍ଦ୍ର ବିଶିକୁ ଗିରଫ କରିବା ସଦିତ ଗଞ୍ଜେଇକୁ ଜବତ କରି ଗୋଛାପଡା ଥାନା ରେ ଏକ ମାମଲା ୩୧/୨୧ ରୁଜୁ କରି ଗିରଫ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିବା ସହିତ ଫେରାର ଅଭିଯୁକ୍ତ ମାନଙ୍କୁ ଖୋଜାଖୋଜି କରିବାରେ ଲାଗିଛି । ତେବେ ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଏସଡିପିଓ ଶ୍ରୀ ମୁର୍ମୁ କହିଛନ୍ତି । ଫେରାର ଅଭିଯୁକ୍ତ ମାନେ ମଧ୍ୟ ବାଗଡୁଙ୍ଗୁରି ଗାଁର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

୭ ଦିନ ଭିତରେ ଦୁରୁଆକୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଉ: ନଚେତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ଜୟପୁର,୨୪/୪ (ନି.ପ୍ର): ଦୁରୁଆ ଆଦିବାସୀ ମହିଳା ମହାସଂଘ ତରଫରୁ ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୁନ୍ଦୁରା ବ୍ଲକ ବାଗଦେରି ଫଂଚାୟତର ବୁଦାଗୁଡା ଗ୍ରାମର ମହିଳା ମହାସଂଘର ସଦସ୍ୟ ମାନେ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦୁରୁଆ ଛାତ୍ର ଛାତ୍ରୀ ଶିକ୍ଷା ଲାଭ କରିବା ସକାଶେ ତୁରନ୍ତ ଜାତିଗତ ପ୍ରମାଣ ପତ୍ର ଦେବା ପାଇଁ ଦାବି ହୋଇଛି । ଏନେଇ ଗତ ଏପ୍ରଲି ୭ ଓ ୮ ତାରିଖରେ ତୁରନ୍ତ ଦୁରୁଆ ଜାତିକୁ ଆଦିବାସୀ ପ୍ରମାଣ ପତ୍ର ଦେବା ଦାବିରେ କୁନ୍ଦୁରା ତହସିଲଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଜୟପୁର ଉପ ଜିଲାପାଳ ହେମକାନ୍ତ ସାଙ୍କ ନିର୍ଦ୍ଦେଶରେ ଏଡିଡବ୍ଲୁ ପହଂଚି ବିକ୍ଷୋଭ କରିଙ୍କୁ ଲିଖିତ ଭାବେ ୭ ଦିନ ଭିତରେ ଦୁରୁଆ ଛାତ୍ର ଛାତ୍ରୀଙ୍କୁ ଆଦିବାସୀ ପ୍ରମାଣ ପତ୍ର ଦେଇ ବିଦ୍ୟାଳୟରେ ନାମ ଲେଖାଇବା ସହିତ ଛାତ୍ର ବାସରେ ରହିବା ସକାଶେ ପ୍ରତିଶ୍ରୁତି ଦେଇଥିଲେ । ପରେ ବିକ୍ଷୋଭକାରୀ ମାନେ ଧାରଣାରୁ ଓହରି ଥିଲେ । ଲିଖିତ ଦେବାର ୧୫ ଦିନ ବିତି ଯାଇଥିଲେ ବି ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏନେଇ ଆଜି ମହିଳା ମହା ସଂଘର ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱେ ଆଜି ପୁଣି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତରୁନ୍ତ ଦାବି ପୁରଣ ନହେଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନି ଦେଇଛନ୍ତି । ଦୁରୁଆ ସମ୍ପ୍ରଦାୟକୁ ସମ୍ପୁଣ୍ଣ ଆଦିବାସି ମାନ୍ୟତା ଦେବା ସହ ଆଦିବାସୀ ମାନେ ପାଇବା ଭଳି ସମସ୍ତ ସୁବିଧା ଦିଆଯାଉ । କୋରାପୁଟ ଜିଲାର ପୋଚଡି ଜିଲାରେ ଦୁରୁଆ ଆଦିବାସୀ ମାନ୍ୟତା ଦିଆଯାଇଥିବା ବେଳେ କୋରାପୁଟ ଜିଲାରେ ପ୍ରଶାସନ ଜାଣି ଶୁଣି ଅବହେଳା କରୁଥିବା ଅଭିଯୋଗ କରିଛନ୍ତି । ୭ ଦିନ ମଧ୍ୟରେ ଆଦିବାସୀ ପ୍ରମାଣ ପତ୍ର ନ ମିଳିଲେ ଦୁରୁଆ ମାନେ ବାଧ୍ୟ ହୋଇ ଜନ ସାଧାରଣ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରି ଆସୁଥିବା ବାଦ୍

ରବିବାରଚୟନ

ପୃଷ୍ଠା ୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧ୍ୱନି ପ୍ରତିଧ୍ୱନି

email : rabibarachayan2015@gmail.com

ବାଲେଶ୍ୱର
ରବିବାର, ୨୫ ଅପ୍ରେଲ୍, ୨୦୨୧

ଧାରାବାହିକ : **ଜୀବନାନୁଭୂତି**

ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେ ଅବସର ନେଇ ସ୍ୱସ୍ଥାନକୁ ଚାଲିଯିବାରୁ ତାଳଚେର ରାଜା ତାହା କିଣି ନେଇଥିଲେ । ପ୍ରାୟ ପାଞ୍ଚମାଣ ଜମି ଭିତରେ ଏହି ଘରଟି । ଅଳ୍ପ ଜମିରେ ପରିବା ବଗିଚା ହୋଇ ଅବଶିଷ୍ଟ ଜମିରେ ରାଶି, ବିରି, ହରଡ଼, ପ୍ରଭୃତି ଉତ୍ପନ୍ନ ହୁଏ । ନିକଟବର୍ତ୍ତୀ ଗ୍ରାମରୁ କୌଣସି କୌଣସି ପ୍ରଜା ଆସି ଭାଗରେ ଚାଷକରି ଦେଇଯାନ୍ତି । ତେଲି ରାଶିକୁ ପେଡ଼ି ତେଲ ଦେଇଯାଏ । ତେଲ ଆଦୌ କିଣିବାକୁ ହୁଏନାହିଁ । ବିରି, ହରଡ଼ ମଧ୍ୟ ଯଥେଷ୍ଟ ଉତ୍ପନ୍ନ ହୁଏ । ବଗିଚାରେ ନାରାୟଣବାବୁଙ୍କ ରୋପିତ ଅନେକ କଲମି ଆମ୍ବଗଛ ଥିଲା । ସେହି ଆମ୍ବ ଆମ୍ଭେମାନେ ଭୋଗ କରୁଥିଲୁ । ଭଡ଼ା ଦେବାକୁ ହେଉଥିଲା କୋଡ଼ିଏ ଟଙ୍କା ।

ମୁଁ ଅନୁଗୁଳରେ ପହଞ୍ଚିବା ଅଳ୍ପଦିନ ପୂର୍ବେ ହାତୀ ଧରା ହୋଇଥିଲା । ହାତୀଖେଦା ଅଫିସର୍ ବୟେଡ୍ ସାହେବ (Boyd) ଡେପୁଟି କଲେକ୍ଟର ପୀଡ଼ିତ ହୋଇଥିବା ଯୋଗୁଁ ଖେଦାକେନ୍ଦ୍ର ପୁରୁଣାକୋଟକୁ ଯାଇ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିବା ସକାଶେ ଡେପୁଟି କମିଶନର ମୋତେ ଆଦେଶ ଦେଲେ ଓ ତିନି ଚାରିଦିନ ମଧ୍ୟରେ ମୋତେ ଯିବାକୁ ହେଲା । ପୁରୁଣାକୋଟ ଅନୁଗୁଳରୁ ୩୦ ମାଇଲ ଦୂରରେ । ଭୀଷଣ ଅରଣ୍ୟ ମଧ୍ୟରେ ଏହା ଗୋଟିଏ କ୍ଷୁଦ୍ରଗ୍ରାମ । ଯିବା ବାଟ ଅଗନାଗନ ବନସ୍ତ ମଧ୍ୟଦେଇ ଯାଇଅଛି । ଜଙ୍ଗଲର ଅଧିକାଂଶ ସ୍ଥାନରେ ଏତେ ଘନ ଭାବରେ ଗଛ, ବାଉଁଶ ଲାଗିଅଛି ଯେ ତହିଁରେ କେବେ ସୂର୍ଯ୍ୟକିରଣ ମଧ୍ୟ ପଡ଼େନାହିଁ । ଗଛ ଅପେକ୍ଷା ଏହି ଜଙ୍ଗଲରେ ବାଉଁଶ ଅଧିକ । ବାଉଁଶ ଯେପରି ଲମ୍ବ ସେପରି ମୋଟା । ଗୋଟିଏ ଗୋଟିଏ ବାଉଁଶ ତିନି ଫୁଟ ମୋଟ । ବାଉଁଶ ଯୋଗୁଁ ଏହି ଜଙ୍ଗଲରେ ହାତୀମାନେ ରହନ୍ତି । ବାଉଁଶ ପତ୍ର ହାତୀମାନଙ୍କ ଉପାଦେୟ ଆହାର । ପୁଣି ମହାନଦୀ ନିକଟରେ ଥିବାରୁ ତାଙ୍କ ବପ୍ରକ୍ରୀଡ଼ାର ଉପଯୁକ୍ତ ସ୍ଥାନ । କଥିତ ହୁଏ ସୁଦୂର ଆସାମ ପର୍ଯ୍ୟନ୍ତ ହାତୀମାନଙ୍କ ଗମନାଗମନ ହୁଏ । ଅନୁଗୁଳରୁ ଆସାମ ପର୍ଯ୍ୟନ୍ତ ମାନଚିତ୍ର ପରୀକ୍ଷା କଲେ ଏହି ଉକ୍ତିର ସତ୍ୟତା ପ୍ରତିପନ୍ନ ହେବ । ଅନୁଗୁଳରୁ ତାଳଚେର, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ପ୍ରଭୃତି ଗଡ଼ଜାତ ମଧ୍ୟସ୍ଥ ଜଙ୍ଗଲ ଦେଇ ସିଂହଭୂମି, ରାଞ୍ଚି, ସାନ୍ତାଳ ପରଗଣା, ଦିନାଜପୁର, ପୂର୍ଣ୍ଣିୟା ହୋଇ ଆସାମ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଯେଉଁ ଅରଣ୍ୟ ବିସ୍ତୃତ ହୋଇ ରହିଅଛି ତନ୍ମଧ୍ୟରେ ହାତୀମାନଙ୍କ ଗମନାଗମନର କୌଣସି ପ୍ରକାର ବ୍ୟାଘାତ ସମ୍ଭାବନା ନାହିଁ ।

ସେହି ସମୟରେ ହାତୀଧରା ଅନୁଗୁଳରେ ବାର୍ଷିକ ବ୍ୟାପାର ଥିଲା । ଏହା ସରକାରଙ୍କ ଗୋଟିଏ ମହକୁମା । ସରକାର ହାତୀମାନଙ୍କ ଉପଦ୍ରବରୁ ପ୍ରଜାଙ୍କ ଫସଲ ରକ୍ଷା କରିବେ ଓ ହାତୀ ବିକ୍ରୟ କରି ଲାଭବାନ ହେବେ, ଏହି ଉଦ୍ଦେଶ୍ୟରେ ହାତୀଧରା ହେଉଥିବା କଥିତ ହେଉଥିଲା । ଏଥିରେ ସମସ୍ତ ପ୍ରଜାଙ୍କୁ ଯୋଗ ଦେବାକୁ ହୁଏ । ବସ୍ତୁତଃ ସମସ୍ତେ ଏଥିରେ ଯୋଗଦେବାକୁ ବାଧ୍ୟ । କିନ୍ତୁ ଏହା ପ୍ରଜାମାନଙ୍କ ପକ୍ଷରେ ଅତ୍ୟନ୍ତ ଦୁଃଖଦାୟକ ହେଉଥିଲା । ପ୍ରଚୁର ଖାଦ୍ୟ ସାମଗ୍ରୀ ପ୍ରଜାଙ୍କଠାରୁ ସଂଗୃହୀତ ହୋଇ ପୁରୁଣାକୋଟକୁ ବୁହା ହୁଏ ଓ ଭାରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ତାହା ସରବରାହ ହୁଏ । ସ୍ଥାନୀୟ ଅଫିସରଙ୍କ ଛଡ଼ା ଡେପୁଟି କମିଶନରଙ୍କ ନିମନ୍ତ୍ରଣରେ ବାହାରୁ କେତେକ ଗୋରା ସାହେବ ଓ ମେମ୍ ଆସି ଅତିଥି ହୋଇ ରହନ୍ତି । ହାତୀଧରା ଦିନାକେତେ ତାହା ଏକ ମଜଲିସ୍ ସ୍ଥାନରେ ପରିଣତ ହୁଏ ।

ନିବିଡ଼ ଅରଣ୍ୟ ହାତୀମାନଙ୍କ ବାସସ୍ଥଳ । ଯେଉଁ ସ୍ଥାନରେ ହାତୀମାନେ ବିଚରଣ କରୁଥାନ୍ତି ପ୍ରଥମରେ ଶିକାରୀମାନଙ୍କୁ ପଠାଇ ସେହିସ୍ଥାନ ନିରୂପଣ କରାହୁଏ । ତତ୍ପରେ ଜଙ୍ଗଲର ସେହି ଅଂଶ ବେଢ଼ି ଦିଆହୁଏ । ତାହାକୁ ଜଗତ-ବେଢ଼ କୁହାଯାଏ । ଲୋକମାନେ ସେହି ସ୍ଥାନକୁ ବେଢ଼ି ପକାନ୍ତି ଓ ରାତିରେ ନିଆଁ ଜାଳି ରହନ୍ତି । ବାଉଁଶ ନଳିମାନ ଧରି ତାହା ଉପରେ କାଠି ପିଟିଲେ ଏକପ୍ରକାର ଶବ୍ଦ ହୁଏ । ସେହି ଶବ୍ଦ ପ୍ରଜ୍ୱଳିତ ଅଗ୍ନିଶିଖା ଓ ଲୋକଙ୍କ ମୁଖରୋଳରେ ହାତୀମାନେ ଭୀତ ହୋଇ ତନ୍ମଧ୍ୟରେ ରହିଯାନ୍ତି । ଦିନରାତି ଲୋକମାନେ ଜଗି ରହନ୍ତି, ଯେପରି ହାତୀଗୁଡ଼ିକ ବେଢ଼ ଭାଙ୍ଗି ପଳାଇ ନଯିବେ । ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହାତୀ ଖେଦା ଆରମ୍ଭ ହୁଏ । ଶିକାରୀମାନେ ଯାଇ ହାତୀ ପଛରେ କିଛି ଦୂରରେ ରହି ବନ୍ଧୁକ, ଫଟକା ପ୍ରଭୃତି ଫୁଟାନ୍ତି ଓ ହାତୀଗୁଡ଼ିକୁ ଆଗକୁ ଘଉଡ଼ାଇ ଦେଉଥାନ୍ତି । ଯେଉଁଆଡ଼କୁ ହାତୀ ଚାଲୁଥାନ୍ତି ସେଆଡ଼େ ସେମାନଙ୍କ ଆଗରେ ଗୋଟିଏ ବେଢ଼ (Stockde) ନିର୍ମିତ ହୋଇଥାଏ । ବଡ଼ ବଡ଼ ଗଣ୍ଡି କାଠମାନ ପୋତା ହୋଇ ଗୋଟିଏ ସ୍ଥାନ ଘେରା ହୋଇଥାଏ ଓ ତାହାର ମୁହଁରେ ଗୋଟିଏ ଓ ପଛରେ ଗୋଟିଏ ବାଟ ଫାଟକ ପରି ରଖାହୋଇଥାଏ । ଉଭୟ ବାଟ କବାଟ ଦ୍ୱାରା ବନ୍ଦହୁଏ । ସମ୍ମୁଖରେ ବାଟରେ ଯେଉଁ କବାଟ ଥାଏ ତାହା ଦଉଡ଼ି ଓ କଳ ସାହାଯ୍ୟରେ ଉପରକୁ ଉଠାହୋଇଥାଏ । ବେଢ଼ ଭିତରେ ଗଛ, ବାଉଁଶ, କଦଳୀଗଛ, ଆଖୁଗଛମାନ ଏପରି ଭାବରେ ପୋତା ହୋଇଥାଏ, ଯେପରି ହାତୀମାନେ ସେମାନଙ୍କ ଖାଦ୍ୟଦ୍ରବ୍ୟ ପ୍ରଲୋଭନରେ ତନ୍ମଧ୍ୟକୁ ପ୍ରବେଶ କରିବେ । ପଛରୁ ଘଉଡ଼ା ହୋଇ ଯେତେବେଳେ ହାତୀମାନେ ଆଗକୁ ଦଉଡୁଥାନ୍ତି ସେମାନଙ୍କ ଯିବା ମାର୍ଗରେ ଏହି ବେଢ଼ ମଧ୍ୟରେ ପ୍ରବେଶ କରନ୍ତି । ପ୍ରବେଶ କଲା ମାତ୍ରକେ ଲୁକ୍କାୟିତ ଭାବରେ ବସିଥିବା ଡେପୁଟି କମିଶନର ଅଥବା ଅନ୍ୟ କୌଣସି ହାକିମଙ୍କ ଆଦେଶରେ ଫାଟକ କବାଟକୁ ଟେକି ରଖିଥିବା ଦଉଡ଼ି କଟା ହୁଏ । କବାଟ ତତ୍‌କ୍ଷଣାତ୍ ପଡ଼ିଯାଏ ଓ ପଥରୁଦ୍ଧ ହୋଇଯାଏ । ହାତୀମାନେ କୃତ୍ରିମ ଭାବରେ ପୋତା ହୋଇଥିବା ଗଛପତ୍ର ଖାଇ ମାଡ଼ି ଯେତେବେଳେ ବନ୍ଦୀ ହୋଇଥିବା ଦେଖନ୍ତି ପଳାଇବାକୁ ଚେଷ୍ଟାକରନ୍ତି । କିନ୍ତୁ ବେଢ଼ ମଧ୍ୟରୁ ବାହାରି ପାରନ୍ତି ନାହିଁ । ମୁଣ୍ଡ ପେଲି କବାଟକୁ ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ କବାଟରେ ପିଟା ହୋଇଥିବା ମୁନିଆ ଲୁହାକଣ୍ଟାମାନ ମୁଣ୍ଡରେ ଲାଗିଯାଏ । ଏହି ସମୟରେ ବେଢ଼ର କାନ୍ଥ ଉପରୁ ବନ୍ଧୁକ, ଫଟକା ପ୍ରଭୃତି ଫୁଟାହୁଏ । ହାତୀଗୁଡ଼ିକ ତନ୍ମଧ୍ୟରେ ଭୀତହୋଇ ରହିଯାନ୍ତି।

କିଛି ସମୟ ଉତ୍ତାରେ ଦେଖାଯାଏ, ହାତୀଗୁଡ଼ିକ ବେଢ଼ ମଧ୍ୟରେ ବୁଲି ବୁଲି କ୍ଳାନ୍ତ ଓ ତ୍ରସ୍ତ ହୋଇ ରହିଥାନ୍ତି । ଏହି ଅବସରରେ ପଛପାଖ ବାଟରେ କବାଟ ଉଠାଇ ଦିଆହୁଏ ଓ ବେଢ଼ ମଧ୍ୟକୁ ମାହୁନ୍ତମାନେ ପୋଷା ହାତୀଗୁଡ଼ିକୁ ଘେନି ଯାଆନ୍ତି । ବଡ଼ ବଡ଼ ଦଉଡ଼ିମାନ ଚୋରା ବାଟରେ ନିଆହୁଏ ଓ ତପ୍ରରେ ହାତୀଗୁଡ଼ିକୁ ବାନ୍ଧିବା ଆରମ୍ଭ ହୁଏ । ସାଧାରଣତଃ ମାଈ ହାତୀ ବେଢ଼ ଭିତରକୁ ନିଆଯାନ୍ତି ଓ ଏମାନେ ହାତୀ ବାନ୍ଧିବାରେ ସହାୟ ହୁଅନ୍ତି । ଏମାନଙ୍କୁ 'କୁଟୁଣୀ ହାତୀ' କୁହାଯାଏ । ମାଈ ହାତୀ ଦେଖିଲେ ଦନ୍ତା ହାତୀ ତାହାର ଔଦ୍ଧତ୍ୟ ତ୍ୟାଗକରେ । ଗୋଟିଏ ହାତୀର ଉଭୟ ପାର୍ଶ୍ୱରେ ଦୁଇଗୋଟି କୁଟୁଣୀ ହାତୀ ଛିଡ଼ା କରାହୁଅନ୍ତି ଓ ନୂଆହାତୀକୁ ଏପରି ଭାବରେ ସେମାନେ ଉଭୟ ପାର୍ଶ୍ୱରେ ଚିପି ଆବଦ୍ଧ କରି ରଖନ୍ତି ଯେ ତାହାର ଇତସ୍ତତଃ ଯିବାର ଉପାୟ ନଥାଏ । ବଡ଼ ବଡ଼ ଦଉଡ଼ି ଫାଶ ନୂଆହାତୀର ସମ୍ମୁଖକୁ ଫିଙ୍ଗି ଦିଆହୁଏ ଓ ଯେତେବେଳେ ଆଗର ଗୋଟିଏ ଗୋଡ଼ ସେହି ଫାଶରେ ପଡ଼ିଯାଏ, ତାହାକୁ ଟାଣିଦେଲେ ସେହି ଗୋଡ଼ ତାହାଦ୍ୱାରା ବନ୍ଦୀ ହୋଇଯାଏ । ତପ୍ରରେ କୁଟୁଣୀ ହାତୀର ପଛଆଡ଼େ ରହି ଲୋକମାନେ ନୂଆ ହାତୀର ପଛ ଦୁଇଗୋଡ଼ ଦଉଡ଼ି ଫାଶରେ ବାନ୍ଧିପକାନ୍ତି । ଏହିପ୍ରକାର ଗୋଟି ଗୋଟି ହୋଇ ସବୁ ହାତୀ ବନ୍ଦୀ ହୋଇଯାନ୍ତି ଓ ପ୍ରତ୍ୟେକ ହାତୀର ତିନିଗୋଡ଼ର ତିନି ଦଉଡ଼ିକୁ ନେଇ ବେଢ଼ ମଧ୍ୟସ୍ଥ ବଡ଼ ବଡ଼ ଗଛମାନଙ୍କରେ ବାନ୍ଧି ଦିଆଯାଏ । ହାତୀ ବନ୍ଧାହେଲା ପରେ ବନ୍ଧନରୁ ମୁକ୍ତ ହେବାପାଇଁ ଟାଣିଓଟାରି ହୁଏ, କରୁଣ ଚିତ୍କାର କରେ । ଏହି ଦୃଶ୍ୟ ଅତ୍ୟନ୍ତ କରୁଣ, ଅତ୍ୟନ୍ତ ନିଷ୍ଠୁର ହୃଦୟ ସୁଦ୍ଧା ଦୟାରେ ବିଗଳିତ ହୋଇଯିବ । ହାତୀ ଚିତ୍କାର କରି କରି ଘୋଷାଡ଼ି ହୋଇ ସମୟରେ ଲଥ୍ ହୋଇ ଭୂମିଉପରେ ଲୋଟିଯାଏ । ଦଉଡ଼ିର ଟାଣରେ ଓ ଫାଶର ଘର୍ଷଣରେ ଗୋଡ଼ର ବନ୍ଧନ ସ୍ଥାନରେ ଘା' ହୋଇଯାଏ ଓ ତାହା ପାଚିଯାଇ ତହିଁରେ ପୋକ ହୋଇଯାଏ । ପରେ ଚିକିତ୍ସାଳୟ ଦ୍ୱାରା ତାହା ଭଲ କରାହୁଏ । (କ୍ରମଶଃ)



ଡାଏରୀ -୬୨



ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

॥ ଟାଇମ ପାସ୍ ॥

ଡିପାର୍ଟମେଂଟ ବଣଭୋଜିରେ ସାମିଲ ହୋଇଥିଲେ ଓଡ଼ିଆ ଡିର୍ପାଟମେଂଟର ଜୁନିୟର ସିନିୟର ଛାତ୍ରଛାତ୍ରୀ। କିଛି ଅଧ୍ୟାପକ ବି ଥିଲେ ସାଙ୍ଗରେ। ବଣଭୋଜୀ ପାଇଁ ନନ୍ଦନକାନନର ବଟନିକାଲ୍ ଗାର୍ଡେନ ଭଳି ସୁରକ୍ଷିତ ସ୍ଥାନଟିଏ ସବୁ ଦୃଷ୍ଟିରୁ ଅନ୍ତତଃ ରାଜଧାନୀର ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ବୋଧହୁଏ ଆଉ କିଛି ନାହିଁ। ପ୍ରାକୃତିକ ପରିବେଶ, ଜାତି ଜାତିକା ଫୁଲ, ସୁଇମିଙ୍ଗ ଓ ବୋଟିଙ୍ଗ ପାଇଁ ବୋଟ୍‌ର ସୁବିଧା ସବୁ କିଛି ମିଳେ। ଅନ୍ତତଃ ପ୍ରେମିକ ପ୍ରେମିକାମାନଙ୍କ ପାଇଁ ଭୂସ୍ୱର୍ଗ। କିଛି ସମୟ ପ୍ରକୃତି କୋଳରେ ହଜିଯିବା ପାଇଁ ଚମତ୍କାର ପରିବେଶ।

ଡିପାର୍ଟମେଂଟର ପିକ୍‌ନିକ୍ ଆଲୋଚନା ବେଳେ ରଜନୀ ଦାଶ ହିଁ ଏଇ ସ୍ଥାନଟିର ପ୍ରସ୍ତାବ ଦେଇଥିଲା। ଖୁବ୍ ଇଚ୍ଛା ଥିଲା ସାନୁ ସହ କେଇ ମୁହୂର୍ତ୍ତ ନିରୋଳାରେ ଗପିବ। ସୁବିଧା ହେଲେ ବୋଟିଂ ପାଇଁ ଇନ୍‌ଭାଇଟ୍ କରିବ। ସବୁବେଳେ ସ୍ୱପ୍ନମନସ୍କ ରଜନୀ ଦାଶ। ହେଲେ ସେ ଠିକ୍ ଜାଣିଥିଲା ସାନୁକୁ ଏସବୁ ପସନ୍ଦ ନୁହେଁ। ଭଲ ପାଇବାଟା ଗୋପନ ରହୁ ଏଇଟା ତା'ର ପ୍ରିନ୍ସିପଲ୍। ସେଦିନ ବି ସେଇଆ ଘଟିଲା। ଅବଶ୍ୟ ସାମାନ୍ୟ କଥାକୁ ନେଇ ରଜନୀ ଦାଶ ଅଭିମାନ କରିଥିଲା ସାନୁ ଉପରେ। ଦୁଇ ଜଣଙ୍କ କଥାବାର୍ତ୍ତା ପ୍ରାୟତଃ ବନ୍ଦ ଥିଲା।

ପିକ୍‌ନିକ୍‌ରେ ବନ୍ଧୁମାନେ ଭରପୂର ମଜ୍ଜା ନେଲେ। ବନ୍ଧୁମାନେ ତାଙ୍କ ଗାର୍ଲଫ୍ରେଣ୍ଡ/ପ୍ରେମିକାମାନଙ୍କ ସାଙ୍ଗରେ ଖୁସିର ସେୟାର କଲେ। ରଜନୀ ଦାଶ ଉଦାସ ହୋଇପଡ଼ିଥିଲା। କାରଣ ସାନୁ ଦୂରେଇ ଦୂରେଇ ରହୁଥିଲା ଓ ରଜନୀ ଦାଶ ପସନ୍ଦ କରୁନଥିବା କିଛି ବନ୍ଧୁଙ୍କ ଗହଣରେ ଖୁସି ଗପରେ ମାତିଥିଲା। ରଜନୀ ଦାଶ ଭୀଷଣ ବିରକ୍ତ ହୋଇଉଠିଲେ। ରଜନୀ ଦାଶକୁ ଜଳାଇବା ପାଇଁ ସାନୁ ଏସବୁ ନିଶ୍ଚୟ କରୁଛି। ରଜନୀ ଦାଶ ମନେମନେ ସ୍ଥିର କରିନେଲା ସାନୁକୁ ବି' ଜଳେଇବାକୁ ପଡ଼ିବ। ତାକୁ ବି ଭଲ ଭାବରେ ଜଳାଇ ଆସେ।

କିଛି ଦୂରରେ କବିତା ତା'ର ବାନ୍ଧବୀ ଅନୁ ସାଥିରେ ଗଛ ଛାଇରେ ବସିଥିଲା। କବିତା ତା'ର ତଳ ବ୍ୟାଚର। ଭଲ ଲେଖାଲେଖି କରେ ବୋଲି ରଜନୀ ଦାଶ ଲାଇକ୍ କରେ ତାକୁ। ରିଜର୍ଭ, ସ୍ନେହାଶୀଳା। ନିଜର ନିଜର ଲାଗେ। ରଜନୀ ଦାଶ ପ୍ରତି ତାର ସମ୍ମାନ ଢ଼େର୍।

କବିତା ବୋଧେ ନୂଆ ଉପନ୍ୟାସର ପ୍ଲଟ୍ କିଛି ଚିନ୍ତା କରୁଥିଲା। ପାଖରେ ଅନୁ ବସି ମାଟିରେ ଗାର ଟାଣୁଛି। ହାଲକା ରଂଗର ଝିଅ। ସୁନ୍ଦରୀ ନ ହେଲେ ବି ଅସୁନ୍ଦରୀ କୁହାଯାଇପାରିବନି। ଭାରି ଗପୁଡ଼ି। କବିତା ଭଳି କ୍ରିଏଟିଭ୍ ପିଲା ଏମିତି ଗୋଟାଏ ଝିଅ ସାଥିରେ କାହିଁକି ଯେ ମିଶେ ରଜନୀ ଦାଶ ବୁଝିପାରେନି।

ରଜନୀ ଦାଶ ତାଙ୍କ ପାଖକୁ ଗଲା। କବିତା କିଛି କହିବା ପୂର୍ବରୁ ଅନୁକୁ କହିଲା, "ଆସ ଆମେ ବୋଟିଂ କରିବା।" ରଜନୀ ଦାଶ କଥାରେ ଅନୁ ରାଜି ହେଇଗଲା। କବିତାକୁ ତା' ଚିନ୍ତା ଜଗତରେ ହଜିବାକୁ ଦେଇ ଅନୁକୁ ଧରି ବୋଟିଂରେ ବାହାରି ପଡ଼ିଲା। ଭଲ ହେଇଛି କବିତା ଆସିନି, ରଜନୀ ଦାଶ ଫ୍ରି ହୋଇପାରିନଥାନ୍ତା।

ସାନୁ ଏ ଦୁଇଜଣଙ୍କୁ ଦେଖିଛି କି ନାହିଁ ରଜନୀ ଦାଶ ଜାଣିନଥିଲା ହେଲେ ସାନୁ ଉପରେ ଇମୋସନାଲ ଆଟାକ୍ କରିବାପାଇଁ ଅନୁକୁ ନେଇ ଲେକ୍‌ର ମଝିକୁ ଚାଲିଗଲା।

"ଆପଣ ରଜନୀଭାଇ ସାନୁ ଦିଦିକୁ ଖୁବ୍ ଭଲ ପାଆନ୍ତି ନା।" ହଠାତ ରଜନୀ ଦାଶର ଭାବନାରେ ପୂର୍ଣ୍ଣଛେଦ ପକାଇ କହିଲା ଅନୁ।

"ତତେ ବି ମୁଁ ଖୁବ୍ ଭଲପାଏ ଲୋ ବୋକୀ।" ଛେପ ଢ଼ୋକି ମିଛ ଡାଇଲଗଟିଏ ମାରିଦେଲା ରଜନୀ ଦାଶ। ଅନୁ କିନ୍ତୁ କିଛି ଉତ୍ତର ଦେଇନଥିଲା। ସେମାନେ ଫେରିଲେ। ସାନୁ ଏମାନଙ୍କୁ ଦେଖିଥିଲା । କିନ୍ତୁ କିଛି ବି ପ୍ରତିକ୍ରିୟା ଦେଖାଇଲା ନାହିଁ। ରଜୀନ ଦାଶ ବେଶୀ ଆଘାତ ପାଇଲା ସାନୁର ଆଟିଚ୍ୟୁଡରେ।

ଥରେଅଧେ ଅନୁ ସାଥିରେ ମାର୍କେଟ ବିଲଡିଂ ଗଲାବେଳେ ଦେବ୍ରାଜ ବାବୁଙ୍କ ସହ ଇଣ୍ଟ୍ରୋଡ୍ୟୁସ କରିଥିଲା ଅନୁକୁ କବିତାର ଇଣ୍ଟିମେଣ୍ଟ ଫ୍ରେଣ୍ଡ ଭାବରେ।

କିଛିଦିନ ପରେ ବାଣୀବିହାର ଛାଡ଼ିବା ପରେ ଅନୁ ବି ହଜିଗଲା। ଭରସି କରି କେବେ କବିତାକୁ ତା' ସାଙ୍ଗ ବିଷୟରେ ପଚାରିବାକୁ ସାହାସ କରିନି ରଜନୀ ଦାଶ।

ବହୁଦିନ ପରେ ଦେବ୍ରାଜ ବାବୁଙ୍କ ସହ ରଜନୀ ଦାଶର ସହ ଦେଖାହେଲା ପରେ ପଚାରିଲେ, "ସେଇ ଝିଅଟା କୁଆଡ଼େ ଗଲା, ଯାହାକୁ କବିତାର ସାଙ୍ଗ ବୋଲି କହୁଥିଲ। ଛି.. ତା' ପାଟିଟା ଗୋଟାଏ ପାଇରିଆ ପେସେଣ୍ଟ ଭଳି ଦୁର୍ଗନ୍ଧ କରେ।" ଠୋ ଠୋ ହସିଲେ ଦେବ୍ରାଜ ବାବୁ । ଅନୁର ପାଟି ପାଇରିଆ ପେସେଂଟ ଭଳି ଦୁର୍ଗନ୍ଧ ହୁଏ !! ଏକଥା ରଜନୀ ଦାଶ କେବେ ବି ଆବିଷ୍କାର କରିନି। କରିବାର ସ୍କୋପ୍ କି ଇଣ୍ଟ୍ରେଷ୍ଟ ତାର ନଥିଲା। ଅନୁ କେବଳ ତା' ପାଇଁ ଗୋଟେ ଟାଇମ୍ ପାସ୍। ବାସ୍ ଆଉ କିଛି ନୁହେଁ।

ହେଲେ ଦେବ୍ରାଜ ବାବୁ କେମିତି ଜାଣିଲେ ତା' ମୁହଁରୁ ଦୁର୍ଗନ୍ଧ ବାହାରେ ?

ଏ କଥାର ଉତ୍ତର ଏ ଯାଏ ଖୋଜି ପାଇନି ରଜନୀ ଦାଶ ।

କବିତା.... ଆମ ସମୟର

ସୁଶୀଲ କୁମାର ପାଣିଗ୍ରାହୀ

॥ ଯିଏ ଯାହା ଜାଗାରେ ॥

ଯୋଉଟା ଯୋଉ ଜାଗାରେ ଥିବା କଥା
ଅଛି ସେଇ ଜାଗାରେ
ଯେମିତି
ମୋର ସବୁ ବହି, ମାଗାଜିନ୍
ପୁରୁଣା ଖବରକାଗଜ
ମାଠିଆରେ ପାଣି
ବାସନ କୁସନ, ଜୋତା, ବ୍ରଶ୍
ଟୁଥ୍‌ପେଷ୍ଟ ଓ ହସ ।

ଠିକ୍ ଜାଗାରେ ଅଛି ବି
ମୋର ବ୍ଲଡ୍‌ପ୍ରେସର୍ ଔଷଧ
ଆଣ୍ଠୁର ନି କ୍ୟାପ୍ ଓ ଦରଜ ।

ଆଖି ଭିଜୁଛି
ସ୍ୱପ୍ନ ଖସି ଭାବୁଛି ।

ଯା'ର ଯେମିତି ପୃଥିବୀ
ନିଜ ନିଜ ଜାଗାରେ
ଝିଟିପିଟି କାନ୍ଥରେ
ଅସରପା ଆଲମିରା ପଛପଟେ
ପିମ୍ପୁଡ଼ିମାନେ ଚିନିଡବା ପାଖରେ
ମୂଷା ବହି ଥାକରେ ଓ
କାଠବାକ୍‌ସର
ଗୋଟିଏ କୋଣରେ ଉଇ ।

ମୋର ହେଇ ରହିବାର ପ୍ରତିଶ୍ରୁତି
ଦେଇ ନ ଥିଲେ ବି
ପବନ ଅଛି
ମୋ ବାହାରେ, ଭିତରେ
ମସ୍ତ ଅଛି ।

ଆଲୁଅ ମୋ ସହ କବିତା ପଢୁଛି
ଚିତ୍ର ଆଙ୍କୁଛି
ମୋ ସହ ନିଃସଙ୍ଗତା ଭୋଗୁଛି
ନିଜ ଧର୍ମରୁ ହେଉଯାଉନି
ଅନ୍ଧାର କଥା କଣ କହିବି
ନିଜ ଜାଗା ଛାଡ଼ି କଣ
କୁଆଡ଼େ ଯାଏ ଚାଲି ?

ଭାବୁଛି ମୁଁ ଖାଲି ଅସଜଡ଼ା ହୋଇ
ପଡିରହିଛି
ନିଜ ଜାଗାରେ ନାହିଁ
ନା, ବୋଧେ ନିଜକୁ ନିଜ ଜାଗାରେ
ଖୋଜୁନାହିଁ
ହାତକୁ ଲମ୍ବାଇ ନିଜକୁ ଛୁଉଁନାହିଁ ।

+ ଧୁଚୁରା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୫ ଅପ୍ରେଲ, ୨୦୨୧

ଚିନ୍ତା ଅନୁଚିନ୍ତା (୬)

ବହି ଅଜ୍ଞତା ରୂପୀ ଅନ୍ଧାରକୁ ଦୂରୀଭୂତ କରେ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ବହି ଯାହା ମୁଦ୍ରିତ ରୂପେ ଆମ ସମ୍ମୁଖକୁ ସହସ୍ର ବର୍ଷ ଧରି ଜ୍ଞାନରୂପୀ ଆଲୋକ ବିତରଣ କରି ଆମର ଅଜ୍ଞତା ଭଳି ଅନ୍ଧକାରକୁ ଦୂରୀଭୂତ କରିଆସୁଛି ତା'ର ଯେ ବିକଳ୍ପ ନାହିଁ ଏହାକୁ ମାନବ ଜାତିକୁ ସର୍ବଦା ସ୍ୱୀକାର କରିବାକୁ ପଡ଼ିବ। ଧର୍ମ, ବିଜ୍ଞାନ, ଇତିହାସ, ଭୂଗୋଳ, ସାହିତ୍ୟ, କଳା ସବୁକିଛିକୁ ଯିଏ ପିଢ଼ି ପରେ ପିଢ଼ିକୁ ନିରନ୍ତର ଭେଟି ଦେଇଆସୁଛି, ତାହାହେଲା ବହି, ପୁସ୍ତକ ବା ଗ୍ରନ୍ଥ। ତନ୍ମଧ୍ୟରେ ପତ୍ରପତ୍ରିକା ଓ ସମ୍ବାଦପତ୍ରକୁ ମଧ୍ୟ ଗ୍ରହଣ କରାଯାଇପାରେ। ତେବେ ସଂପ୍ରତି ବୈଦ୍ୟୁତିକ ଗଣମାଧ୍ୟମ ଓ ସୋସିଆଲ ମିଡିଆର ପ୍ରାବଲ୍ୟରେ ବହିର ଆଦର କମୁଛି ବୋଲି ଅନେକେ କହୁଥିଲେ ବି ଏହା ସମ୍ପୂର୍ଣ୍ଣ ଭୁଲ ନୁହେଁ ସତ କିନ୍ତୁ ବହିର ବିକଳ୍ପ ନାହିଁ। ବହିର ବାସ୍ନା ଭିନ୍ନ। ପାଠକ ପଢ଼ିଲାବେଳେ ନିଜର ଚିନ୍ତା ଚେତନା ଆନ୍ଦୋଳିତ ହୁଏ। ଭାବାବେଗର ଶିହରଣ ଖେଳିଯାଏ। ବହିଟିଏ ପଢ଼ିଲାବେଳେ ପାଠକ ସେଇ କାହାଣୀକୁ ନିଜ ମନ ପରଦାରେ ଦେଖିପାରେ। ତା ସମ୍ମୁଖରେ ସେ ସବୁର ବାସ୍ତବଚିତ୍ର ଭାସି ତାର ମନ ଆତ୍ମାକୁ ଆପ୍ଲୁତ କରୁଥାଏ। କେବଳ ଜ୍ଞାନ ଜଗତକୁ ପରିବର୍ଦ୍ଧନ କରେନାହିଁ ବରଂ ସେ ବ୍ୟକ୍ତିକୁ ଆନନ୍ଦ ମୁଖର କରାଏ। ଦୁଃଖରେ ଭାଙ୍ଗିପଡ଼ିଲାବେଳେ ଅଥବା ଆନନ୍ଦରେ ଅଧିର ହେଲାବେଳେ ସେ ଦିଏ ରାହା। ସେ ଚିରଯୌବନା ରୂପେ ସବୁକାଳରେ ପାଠକଙ୍କ ସମ୍ମୁଖରେ ଉଦ୍‌ଭାସିତ ହୋଇଥାଏ। ବହି କେବେ ଦିଏନା କ୍ଳାନ୍ତି ବରଂ ଦିଏ ସୁସୁପ୍ତି। ଜୀବନଯୁଦ୍ଧରେ ହାରିଯାଉଥିବା ମଣିଷକୁ ଦିଏ ସାନ୍ତ୍ୱନା ଓ ପ୍ରେରଣା ଆଗକୁ ଚାଲିବାରେ।

ପୁସ୍ତକକୁ ବିଶ୍ୱଜନମୁଖୀ କରିବାରେ ୧୯୯୫ରୁ ୟୁନେସ୍କୋ ପ୍ରତ୍ୟେକ ବର୍ଷର ଏପ୍ରିଲ ୨୩କୁ ବିଶ୍ୱପୁସ୍ତକ ଦିବସ ରୂପେ ଘୋଷଣା କରିଛି। ଏହାର ମୁଖ୍ୟ ଆଭିମୁଖ୍ୟ ଲୋକମାନଙ୍କୁ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା। ସେହିଭଳି ସେପ୍ଟେମ୍ବର ୭କୁ ବହି କିଣା ଦିବସ ଓ ଏପ୍ରିଲ ୨କୁ ଆନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ରୂପେ ପାଳନ କରାଯାଇଥାଏ। କାରଣ ଶିଶୁ ଓ କିଶୋରଙ୍କ ମନ ଉପଯୋଗୀ ପୁସ୍ତକ ରଚନା ଓ ପଠନକୁ ଅଗ୍ରାଧିକାର ଦେବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ ରହିଥାଏ।

ଅସହାୟ ମନେ କରୁଥିବା, ଭାଙ୍ଗି ପଡୁଥିବା ମନ ଓ ହୃଦୟକୁ ରାହା ଯୋଗାଏ ବହି। ଆଜି ଆମେ ସହସ୍ର ବର୍ଷ ଧରି ଯେଉଁ କ୍ରମୋନ୍ନତିର ଇତିହାସ ଜାଣିପାରୁଛୁ ଏବଂ ନୂତନ ତଥ୍ୟ ସଂଯୋଜିତ କରୁଛୁ ତାହା ପୁରାତନ ତାଳପତ୍ର ପୋଥିରୁ ଆରମ୍ଭ କରି ଆଜିର ମୁଦ୍ରିତ ପୁସ୍ତକ ମାଧ୍ୟମରେ। ଜ୍ଞାନ ଜଗତର ଯେଉଁ ବିସ୍ଫୋରଣ ତାହା ସଂପ୍ରସାରିତ ହୋଇଛି ପୁସ୍ତକ ମାଧ୍ୟମରେ। ପଢ଼ିବା କାମ ଧ୍ୟାନ ବା ଯୋଗ ପର୍ଯ୍ୟାୟର। ଏକାଗ୍ରତା ଆସେ ଅଧ୍ୟୟନରୁ। ପଠନାଭ୍ୟାସ ମଣିଷକୁ ସୁସ୍ଥ ଓ ନିରୋଗ ରଖିବାରେ ମଧ୍ୟ ସାହାଯ୍ୟ କରେ। ଗୋଟିଏ ଭାଷାରେ ପତ୍ରପତ୍ରିକା ପୁସ୍ତକର ପ୍ରକାଶନ ସହ ସେହି ଭାଷାରେ ମୁଦ୍ରିତ ସମ୍ବାଦପତ୍ରର ସଂଖ୍ୟା ହିଁ ସେ ଭାଷା ପ୍ରୀତିକୁ ପ୍ରମାଣିତ କରାଏ। ବହିର ଭାଗ୍ୟ ନିର୍ଦ୍ଧାରିତ ହୁଏ ପାଠକମାନଙ୍କ ଦ୍ୱାରା। ଗୋଟିଏ ଗୋଟିଏ ବହି ବାରମ୍ବାର ଛପା ହେଉଥାଏ ପାଠକଙ୍କର ଚାହିଦାକୁ ଲକ୍ଷ୍ୟକରି। ଅଥଚ ଆଉ କିଛି ବହି ଗୋଟିଏ ସମୟଖଣ୍ଡ ପରେ ପୁନଃ ପ୍ରକାଶନ ସମ୍ଭବ ହୋଇନଥାଏ। ସଂପ୍ରତି ଅନେକ ପତ୍ରପତ୍ରିକା ଓ ପୁସ୍ତକର ମୁଦ୍ରଣ ପରିପାଟୀ ଖୁବ୍ ଆକର୍ଷଣୀୟ ହେଉଛି ଅଥଚ ସେହି ପୁସ୍ତକ ବା ପତ୍ରପତ୍ରିକା କାଳଖଣ୍ଡର ଉର୍ଦ୍ଧ୍ୱକୁ ଉଠି ନପାରିବା ମୂଳରେ ଲେଖାର ମାନ ହିଁ ମୁଖ୍ୟ ସମସ୍ୟା ହୋଇଥାଏ। ଗୁଣାତ୍ମକ ଭଲ ଲେଖାର ଅଭାବ ଏହାର ମୂଳକାରଣ। ଆମ ଭାଷାରେ ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, ଭଗବତୀ ଚରଣ, ଫକୀରମୋହନ, ରାଧାନାଥ ଏଭଳିକି ମନୋଜ ଦାସଙ୍କ ରଚନା ସବୁ ସମୟରେ ପାଠକଙ୍କ ଦ୍ୱାରା ଆବୃତ ହୋଇଚାଲିଛି।

ଏବେ ବହି ପଢ଼ିବାର ରୁଚି ପୁର୍ନସଂସ୍ଥାପିତ ହେଉଛି। ବିଶେଷକରି ବିଶ୍ୱ ଜନ ସମୁଦାୟଙ୍କୁ କରୋନା ଭଳି ମହାମାରୀ ଗ୍ରାସ ବେଳେ ମାସ ମାସ ଲକଡାଉନ ଓ ସଟ୍‌ଡାଉନ ସମୟରେ ଲୋକଙ୍କର ପଢ଼ିବା ଅଭ୍ୟାସ ବଢ଼ିଥିବାର ଲକ୍ଷ୍ୟ କରାଯାଇଛି। ପଠନ ସ୍ପୃହା ବ୍ୟକ୍ତିକୁ ଚିରାୟତ ଆନନ୍ଦ ସହ ସଂଯମି ଓ ସଦାଚାରର ଗୁଣରେ ଅଭିମନ୍ତ୍ରିତ କରାଏ । ବୈଦିକ ଶାସ୍ତ୍ରଠାରୁ ପୁରାଣ, ଉପନିଷଦ ଓ କ୍ଲାସିକ ଲିଟରେଚର ଯାହା ତାହାର ସର୍ବକାଳୀନ ଗ୍ରହଣୀୟତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସାଜସଜ୍ଜାଠାରୁ ଆମକୁ ଉଚ୍ଚକୋଟୀର ମୌଳିକ ଲେଖାର ବହି ପ୍ରକାଶନ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ପୁସ୍ତକର ଜୟଯାତ୍ରା ଅବ୍ୟାହତ।

ଧାରାବାହିକ ଉପନ୍ୟାସ

ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨

ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୨୫

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଧନେଶ୍ୱର ପୂର୍ବବତ୍ ଆମ୍ବୁଲାନ୍‌ସ ଚଳଉଥିଲା । ନିଶା ତା'ର ଖସି ନ ଥିଲା ସେ ଯାଏଁ । କିନ୍ତୁ ରବିକୁମାର ତା' ସହିତ ମଜା କଥା ଓ ଆଳାପ କରି ନିଦ୍ରା ଦେବୀଙ୍କଠାରୁ ଦୂରେଇ ରଖିଥିଲେ ।

କିଛିକ୍ଷଣ ଉତ୍ତାରେ ପୁଣି କାନ୍ଦିବା ଆରମ୍ଭ କଲା ନାତି । ଏଥରକ ତା'ର କାନ୍ଦଣା ଆହୁରି କରୁଣ ଜଣାପଡୁଥିଲା । ପୂର୍ବାପେକ୍ଷା ହାତଗୋଡ଼ ହଲେଇବା କମ୍‌ଥିଲା । କିନ୍ତୁ କାନ୍ଦିବା କମ୍ ନଥିଲା । ଅତ୍ୟନ୍ତ କଠୋର ହୃଦୟର ଲୋକ ବି ସେଠି ଥୟ ଧରିବା ପରିସ୍ଥିତି ନଥିଲା । ଦୀନନାଥଙ୍କ ପରି କୋମଳ ହୃଦୟର ମଣିଷ ସ୍ଥିର ହୋଇ ବସି ପାରୁ ନଥିଲେ । ସେ ନାତିର କାନ୍ଦଣାର ଧୈର୍ଯ୍ୟହରା ହୋଇ ଆଖି ବଂଦ କରିଦେଲେ ।

ଲକ୍ଷ୍ୟ ସମୟଠାରୁ ଅଧଘଣ୍ଟାଏ ପରେ ଗାଡ଼ି ପହଞ୍ଚିଲା ନର୍ସିଂହୋମ୍‌ରେ । ଏହାର ସ୍ଥାନ ଏବଂ ଠିକଣା ଭବେଶ ବୁଝି ନେଇଥିଲା ଡାକ୍ତର ନୀଳମାଧବଙ୍କଠାରୁ । ଏମାନଙ୍କ ପହଞ୍ଚିବା ପୂର୍ବରୁ ଶୁଭକାନ୍ତ ବି ଠିକଣା ବୁଝି ପହଞ୍ଚି ସାରିଥିଲା ସେଠି । ପ୍ରାଥମିକ କଥାବାର୍ତ୍ତା ବି ସାରିଥିଲା। ସବୁ ଠିକ୍ ଠାକ୍ ଥିଲା । କିନ୍ତୁ ଯାହା ବ୍ୟତିକ୍ରମ ଥିଲା ଏବଂ ସମସ୍ତଙ୍କୁ ଚକିତ କଲାଭଳି କଥା ଥିଲା, ତାହା ହେଉଛି ନାତିର ସଂପୂର୍ଣ୍ଣ ନୀରବତା । ଆମ୍ବୁଲାନ୍‌ସ କଟକ ବାଦାମବାଡ଼ିରୁ ସି.ଡ଼ି.ଏ ଅଭିମୁଖେ ବାଙ୍କିଗଲା ପରେ ସେ ଚୁପ୍ ହୋଇଯାଇଥିଲା । ଏକ ନିଶ୍ଚିତ ସଡ଼କ ଦୁର୍ଘଟଣାରୁ ବର୍ତ୍ତିଗଲେ ବୋଲି ସମସ୍ତେ ଦୀର୍ଘଶ୍ୱାସ ଛାଡ଼ି ଆଶ୍ୱସ୍ତ ହୋଇଥିଲେ ।

ଭଣଜାକୁ ଦେଖିବାର ଉତ୍ସୁକତା ଯାହା ଆଶା ଆଶଂକା ଭିତରେ ଘୁମେଇ ପଡ଼ିଥିଲା , ନର୍ସିଂହୋମ୍ ସାମ୍ନାରେ ଆମ୍ବୁଲାନ୍‌ସ ରହିବା ପରେ ତତ୍‌କ୍ଷଣାତ୍ ଶୁଭକାନ୍ତ ଭିତରେ ସଜାଗ ହୋଇଉଠିଲା । ଆଖି ପୂରେଇ ଥରେ ଭଲକରି ଦେଖିନେଲା ପରେ ତା' ମୁହଁରେ ସ୍ୱାଭାବିକ ହସ ଟିକକ ମୁକୁଳିତ ହୋଇପଡ଼ିଲା ଏବଂ ସେ ଶ୍ରଦ୍ଧାରେ ଭଣଜା ମଥାରେ ନିଜର କରସ୍ପର୍ଶ ଦେଇ ତାକୁ ଆଶୀର୍ବାଦ କଲା ।

ସଂଗେ ସଂଗେ ଦୁଇଜଣ ନର୍ସ ଆମ୍ବୁଲାନ୍‌ସ ପାଖକୁ ମାଡ଼ିଆସିଲେ ଏବଂ ଅକ୍‌ସିଜେନ୍ ମୁକୁଳେଇ ସାଲାଇନ୍ ସହିତି ପିଲାକୁ ନେଇଗଲେ ଭିତରକୁ । ଗାଡ଼ିରୁ ବାହାର କଲାବେଳେ ଜଣେ ନର୍ସ ଚୁପି ଚୁପି କିଛି କହୁ ଥିବାର ଶୁଣିଲେ ଦୀନନାଥ -

"ପିଲାଟା ତ ଭଲ ଅଛି । ତେବେ କ'ଣ ହୋଇଛି ତା'ର ?"

"ଯାହା ହୋଇଥାଉ, ସେ ସବୁ ବୁଝିବା ଆମର କାମ ନୁହେଁ ।" - ଢିମାଢିମା ଆଖି କରି ଉତ୍ତର ଦେଲା ଦ୍ୱିତୀୟ ନର୍ସ ଜଣକ ।

ଉଭୟେ ପିଲାକୁ ଧରି ସମାନ୍ତରାଳ ଗତିରେ ସିଡ଼ିଦେଇ ଉପରକୁ ଉଠିଲେ । ଉପର ମହଲାରେ ହିଁ ଥିଲା ଭେଣ୍ଟିଲେଟର୍ ରୁମ୍ । ପଛେ ପଛେ ଶୁଭକାନ୍ତ ଓ ଭବେଶ । ସେମାନଙ୍କ ପଛକୁ ଦୀନନାଥ ଆଉ ରବିକୁମାର ।

ଭେଣ୍ଟିଲେଟର୍ କକ୍ଷର କାଚ କବାଟ ଦେଇ ଭିତରକୁ ଦେଖୁଥିଲେ ଦୀନନାଥ । ଏସ୍.ଏନ୍.ସି.ୟୁ. ପରି ଏଠାରେ ବି ସେଇ ଏକା ବ୍ୟବସ୍ଥା । ଶଯ୍ୟା ଉପରେ ଧାଡ଼ି ହୋଇ ଶୋଇଛନ୍ତି ଛୋଟ ଛୋଟ ଶିଶୁଗୁଡ଼ିଏ । ଉପରେ ୱାର୍‌ମର୍ । ଶେଯ ଉପରେ ଆୟତାକାର ବିଶିଷ୍ଟ କାଚବାକ୍‌ସ ସଦୃଶ ଭେଣ୍ଟିଲେଟର୍ । ତା' ଭିତରେ ଗୋଟି ଗୋଟି ହୋଇ ଶିଶୁଗୁଡ଼ିକ ଶୋଇଛନ୍ତି । ଚିକିତ୍ସା ଚାଲିଛି । ଏଠି ବି ଭିତରକୁ ଯିବା ମନା ।

କେବଳ ବାହାରେ ଛିଡ଼ା ହୋଇ କାଚ କବାଟରୁ ଲକ୍ଷ୍ୟ କରୁଥିଲେ ଦୀନନାଥ ନିଜ ନାତିକୁ । ନାତି ଏବେ ଆଉ କାନ୍ଦୁନାହିଁ କି ଗୋଡ଼ହାତ ହଲଉ ନାହିଁ । ସ୍ଥିର ହୋଇ ପଡ଼ିରହିଛି ଭେଣ୍ଟିଲେଟର୍ ଭିତରେ ।

ତଳେ ଶୁଭକାନ୍ତ ଓ ଭବେଶ ଆଡ଼ମିସନ୍ ଓ ଅନ୍ୟ କଥା ବୁଝାବୁଝି କରୁଛନ୍ତି ।

ଉପରୁ ଓହ୍ଲେଇ ଆସିଲେ ଦୀନନାଥ ତଳକୁ । ଟିକେ ଥକ୍‌କା ମାରିବା ପାଇଁ ଚେୟାର୍‌ଟିଏ ଅନିଶା କରୁ କରୁ ଦୁଇଜଣ ସ୍ତ୍ରୀଲୋକଙ୍କ ମଝିରେ ଫାଙ୍କା ଥିବା ଚେୟାର୍ ଖଣ୍ଡିକରେ ବସି ପଡ଼ିଲେ ସେ ଏବଂ ଆଖି ବଂଦ କରି ଆମ୍ବୁଲାନ୍‌ସ ଓ ଧନେଶ୍ୱର କଥା ଭାବି ହେଉଥିଲେ ।

"ଆମ୍ବୁଲାନ୍‌ସ ଡ୍ରାଇଭର୍ ବାହାରିଲାଣି ଯିବାକୁ, ତାକୁ କ'ଣ କହିବି ?" - ସାମ୍ନାରେ ଛିଡ଼ା ହୋଇ ଲିପୁ ପଚାରିଲା ।

"ତାକୁ କହ ସେ ଶୀଘ୍ର ପଳେଇ ଯାଉ । ତା' ମୁହଁ ଦେଖିବାକୁ ମୁଁ ଚାହେଁ ନାହିଁ ।" ବିରକ୍ତିରେ କହିଲେ ଦୀନନାଥ ଏବଂ ପୂର୍ବ ମୁଦ୍ରାକୁ ପୁଣି ଫେରିଗଲେ । ରାସ୍ତାସାରା ଘଟିଥିବା ଘଟଣା ଓ ଉଦ୍‌ବେଗ ମନ ଭିତରେ ଗୁରେଇ ତୁରେଇ ପ୍ରତିଫଳିତ ହେଉଥିଲା ।

କିନ୍ତୁ ହଠାତ୍ ନିଜ ପାଦରେ କାହାର କରସ୍ପର୍ଶ ପାଇ ଚମକି ଚାହିଁ ଦେଖିଲେ ପ୍ରମଦା, ଦୀନେଶ ଓ ତାଙ୍କର ତିନିବର୍ଷର ପୁଅ 'ବାବା' । ଏଥର ସିଟ୍ ଛାଡ଼ି ଦୀନନାଥ ଉଠି ଆସିଲେ ବାହାରକୁ । କାରଣ ସେଠି ଆଉ ଗୋଟିଏ ହେଲେ ବି ଚେୟାର୍ ଫାଙ୍କା ନଥିଲା ପ୍ରମଦା ବସିବା ପାଇଁ ।

।। ୧୩ ।।

କାମ ସରୁ ସରୁ ଅପରାହ୍ନ ଚାରିଟା । ସେତିକିବେଳେ ନର୍ସିଂହୋମ୍‌ର ମାଲିକ ତଥା ଶିଶୁ ବିଶେଷଜ୍ଞ ଡା. ପଟ୍ଟନାୟକ ଆସିଲେ । ଏଠି କେବଳ ନବଜାତ ଶିଶୁମାନଙ୍କର ନିଦାନ ଓ ଚିକିତ୍ସା ହୋଇଥାଏ । ପିଲାକୁ ଦେଖିଲେ, ଅଥଚ କିଛି କହିଲେ ନାହିଁ । ସାଧରଣତଃ ଡାକ୍ତରମାନେ ଆବଶ୍ୟକତାଠାରୁ ଅଧିକ ଗମ୍ଭୀର ଓ ରିଜର୍ଭ । ସେହି ଆଧାରରେ ଡାକ୍ତର ପଟ୍ଟନାୟକ ଦିଶୁଥିଲେ ଆଉ ଟିକେ ଅଧିକ ଗମ୍ଭୀର । ସେ ନାତିକୁ ଦେଖିସାରି ଗଲାପରେ ଶୁଭକାନ୍ତ ତାଙ୍କ ଚେମ୍ବର୍ ପର୍ଯ୍ୟନ୍ତ ଗଲା । କିଛିକ୍ଷଣ ଉତ୍ତାରେ ବାହାରକୁ ଆସି କହିଲା -

"ଡାକ୍ତର କହିଲେ ବାସ୍ତରୀ ଘଣ୍ଟା ପର୍ଯ୍ୟନ୍ତ ପିଲା ଅବଜର୍‌ଭେସନ୍ ବା ଅନୁଧ୍ୟାନରେ ରହିବ । ତା'ପରେ ଯାଇ ସେ ପିଲା ସମ୍ପର୍କରେ ଯାହା କିଛି ସଠିକ୍ କହିପାରିବେ । ତା' ପୂର୍ବରୁ ନୁହେଁ । ଆଟେଣ୍ଡାଣ୍ଟ୍ ଭାବେ ଆମ ତରଫରୁ ଜଣେ କେହି ରହିଲେ ଚଳିବ । ଏଥିପାଇଁ ସେ ଅବଶ୍ୟ ଗୋଟେ ରୁମ୍ ଦେବେ । ଦୈନିକ ବାରଶହ ଟଂକା ଏବଂ ପିଲାର ଦୈନିକ ପନ୍ଦର ଶହ ପଡ଼ିବ ।"

ନାତିସମ୍ପର୍କିତ ଜିଜ୍ଞାସା ତତ୍‌କ୍ଷଣାତ୍ ଭୂଲୁଣ୍ଠିତ ହେଲା ସଭିଙ୍କର । କିନ୍ତୁ ଏହାର ରହସ୍ୟ ବୁଝି ପାରିଲେ ନାହିଁ ଦୀନନାଥ ।

"ବାସ୍ତରୀ ଘଣ୍ଟା ଅର୍ଥ ? ଏବେଠାରୁ ନା ଜନ୍ମଠାରୁ ?" - ଶୁଭକାନ୍ତକୁ ସେ ପ୍ରଶ୍ନ କଲେ ।

"ଏବେଠାରୁ । ବାସ୍ତରୀ ଘଣ୍ଟା ପରେ ପିଲା ସଂପର୍କିତ ପଜିଟିଭ୍ ବା ନେଗେଟିଭ୍, ତାହା ସଠିକ୍ ନିର୍ଣ୍ଣୟ କରିପାରିବେ ।" - ଶୁଭ ବାପାଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲା ।

କିନ୍ତୁ ଦୀନନାଥ କିଛି ବୁଝୁ ନଥିଲେ । ଆୟୁର୍ବେଦିକ ଚିକିତ୍ସାର ଏକ ମହାନ୍ ପରମ୍ପରା ଭାରତ ବର୍ଷରେ ପ୍ରଚଳିତ ଥିଲା । ସେତେବେଳେ ଜଣେ ବୈଦ୍ୟ (ଡାକ୍ତର) ସବୁ ବୟସର ଏବଂ ସବୁ ପ୍ରକାର ରୋଗର ଚିକିତ୍ସକ ଥିଲେ । ଏବେ ପ୍ରତ୍ୟେକ ରୋଗ ପାଇଁ, ପ୍ରତ୍ୟେକ ବୟସ ପାଇଁ, ପ୍ରତ୍ୟେକ ଅଂଗପ୍ରତ୍ୟଙ୍ଗ ପାଇଁ ଭିନ୍ନ ଭିନ୍ନ ଡାକ୍ତର ଥାଇ ମଧ୍ୟ ବାସ୍ତରୀ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ! ତାପରେ ଯାଇ ନିର୍ଣ୍ଣିତ ହୋଇପାରିବ ରୋଗ ! ସେଇଠୁ ଚିକିତ୍ସା !

ଦୁନିଆରେ ଡାକ୍ତର ସ୍ୱୟଂ ଭଗବାନ ବୋଲି କଥିତ ହୁଏ । ମଣିଷକୁ ସେ ପୁନର୍ଜନ୍ମ ଦେଇ ପାରନ୍ତି, ଅର୍ଥାତ୍ ମରୁ ମରୁ ବଞ୍ଚେଇ ଦେଇପାରନ୍ତି । ଅସମ୍ଭବ ଦୁରାରୋଗ୍ୟ ଯନ୍ତ୍ରଣାରୁ ଆରୋଗ୍ୟ କରିନ୍ତି । ତେଣୁ ସେ ଈଶ୍ୱର ଅନୁରୂପ । ସଚରାଚରରେ ସେମାନଙ୍କ ଗୁରୁତ୍ୱର ପଟ୍ଟାନ୍ତର ନାହିଁ । ସେଥିପାଇଁ ସେମାନେ ସମାଜରେ ପୂଜ୍ୟ ଏବଂ ନମସ୍ୟ । କିନ୍ତୁ ସାଂପ୍ରତିକ ଦୁନିଆରେ ସେମାନଙ୍କର ଅର୍ଥସର୍ବସ୍ୱ ମାନସିକତାରେ ଲୋକେ ଜର୍ଜରିତ । ଜଣେ ଈଶ୍ୱର ରୂପୀ ମଣିଷ ଦ୍ୱାରା ଏହା କିପରି ସମ୍ଭବ ହେଉଛି, ଦୀନନାଥ ତାହା ବୁଝିପାରୁ ନଥିଲେ ।

ଏକଦା ଜର୍ମାନରେ ଜଣେ ବୃଦ୍ଧା ସଂପର୍କରେ ଏକ ଚାଞ୍ଚଲ୍ୟକର ସଂବାଦ ଖବରକାଗଜରୁ ପଢ଼ିଥିଲେ ଦୀନନାଥ । ସେତେବେଳେ ଏ ସଂବାଦଟି ବିଶ୍ୱର କୋଣ ଅନୁକୋଣରେ ପ୍ରସାରିତ ହୋଇଥିବ ଏବଂ ଲୋକେ ଉଣା ଅଧିକେ ବିସ୍ମିତ ହୋଇଥିବେ । ବୃଦ୍ଧାଜଣକ ସାରାଜୀବନ ବିବାହ କରି ନଥିଲେ । ଜଣେ ଶିକ୍ଷୟିତ୍ରୀ ଭାବେ ନିଜକୁ ନିୟୋଜିତ କରି ଦେଶପାଇଁ ଏକ ମହାନ୍ କାର୍ଯ୍ୟ କରୁଛନ୍ତି ବୋଲି ଭାବୁଥିଲେ । ଜୀବନରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୋଗରେ ମଣିଷ ଆକ୍ରାନ୍ତ ହେବା ସ୍ୱାଭାବିକ । ଶରୀର ଅଛି ତ ରୋଗ ଅଛି । ଶରୀର ସହିତ ରୋଗର ଏକ ଚିରନ୍ତନ ସଂପର୍କ ବିଧାତା ଖଂଜି ଦେଇଛନ୍ତି । ଜଳ ବିନା ମାଛ ରହିପାରେ, ହେଲେ ରୋଗ ବିନା ଶରୀର ନାହିଁ । ଏଇ ଆଧାରରେ ସାରା ବର୍ଷ ମହିଳା ଜଣକୁ ବିଭିନ୍ନ ପ୍ରକାର ରୋଗ ହୁଏ । ରୋଗ ହେଲେ ସେ ଡାକ୍ତରଙ୍କ ପାଖକୁ ଯାଆନ୍ତି । ରୋଗ ଅନୁଯାୟୀ ଡାକ୍ତର ଔଷଧର ବ୍ୟବସ୍ଥା ପତ୍ର ଦିଅନ୍ତି । ସେଇ ଅନୁସାରେ ମହିଳା ଜଣକ ଔଷଧ କିଣି ଘରକୁ ଆସନ୍ତି । ଔଷଧ ଖାଇବେ ଖାଇବେ ବୋଲି ଆଉ ଖାଆନ୍ତି ନାହିଁ । ଔଷଧ ନ ଖାଇବା ସଂପର୍କରେ ସେ କେଉଁଠି କେବେ ଉଲ୍ଲେଖ କରିଯାଇ ନ ଥିଲେ । ଔଷଧ ପ୍ରତି ହୁଏତ ତାଙ୍କର ଯୁଗପତ୍ ଘୃଣା ଏବଂ ଭୟ ଥାଇପାରେ ! କିମ୍ବା ଖାଇବେ ଖାଇବେ ବୋଲି ଅବହେଳା କରି ଆଉ ଖାଇ ପାରନ୍ତି ନାହିଁ । ଏଣେ ରୋଗ କ୍ରମଶଃ ଭଲ ହେବାକୁ ଲାଗେ । କିଛିଦିନ ଅନ୍ତେ ସେ ଭଲ ହୋଇ ଯାଆନ୍ତି । ଔଷଧଗୁଡ଼ିକ ଦୋକାନକୁ ନ ଫେରେଇ ତାକୁ ବାକ୍‌ସରେ ରଖି ଦେଇଥାନ୍ତି । ଏମିତି ସମଗ୍ର ଜୀବନ ସେ ଭିନ୍ନ ଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ସହାୟତା ନେଇଥାନ୍ତି । ବ୍ୟବସ୍ଥା ପତ୍ର ଅନୁସାରେ ଔଷଧଗୁଡ଼ିକ ନଖାଇ ସଂଗୃହୀତ କରି ରଖିଦେଇଥାନ୍ତି ।

ସତୁରି ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଗଲା ନିଜର ବଂଦ କୋଠରୀ ଭିତରେ । ପାଞ୍ଚଦିନ ପର୍ଯ୍ୟନ୍ତ ତାଙ୍କ ଘର ଖୋଲିଲା ନାହିଁ । ଲୋକେ ସନ୍ଦେହ କଲେ ଏବଂ ପୋଲିସକୁ ଖବର ଦେଲେ । ପୋଲିସ ଆସି ଘର ଭାଂଗି ଭିତରେ ଯାହା ଦେଖିଲେ ସଭିଏଁ ଆଶ୍ଚର୍ଯ୍ୟ ହେଲେ । ପାଞ୍ଚଦିନ ପୂର୍ବରୁ ତାଙ୍କର ଶୋଇବା ଭିତରେ ସ୍ୱାଭାବିକ ମୃତ୍ୟୁ ହୋଇଯାଇଛି । ଶୀତ-ତାପ ନିୟନ୍ତ୍ରିତ କୋଠରୀ ଯୋଗୁଁ ଶବ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ଯାଇଛି । ଘର ଯାଞ୍ଚ ବେଳେ ବଡ଼ ବଡ଼ ବାକ୍ସଗୁଡ଼ିକରେ ଏତେ ଔଷଧ ମହଜୁଦ୍ ଥିଲା, ଯାହା ଗୋଟିଏ ବଡ଼ ଔଷଧ ଦୋକାନ ସହିତ ସମା

ବିଧାୟକଙ୍କ ବଚନ

ସୁବ୍ରତ ପଟ୍ଟନାୟକ

ଦୀର୍ଘବର୍ଷ ପରେ ଆମକୁ ଫୋନ୍ କରିଥିଲେ ଭାଗୀରଥି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ । ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆମେ ସ୍ତମ୍ଭ ଲେଖିଥିବାରୁ ସେ ହୋଇଥିଲେ ଖପ୍ପା । ତାଙ୍କର କହିବା ଉଦ୍ଦେଶ୍ୟ- ସମସ୍ୟା ସମ୍ପର୍କରେ ପ୍ରଥମେ ତାଙ୍କୁ ଅବଗତ କରାଯାଉ । ତା' ପରେ ସ୍ତମ୍ଭ ଲେଖାଯାଉ । ହେଲା, ତାଙ୍କ କଥା ରହୁ ।

ଅଳ୍ପରେ, ଆମେ ଭାଗୀରଥୀଙ୍କ ବାବଦରେ ସୂଚନା ଦେଉଚେ । ସେ ୨୦୦୯-୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ଆନନ୍ଦପୁର ଆସନରୁ ବିଜେଡ଼ି ଟିକେଟରେ ବିଜୟୀ ହୋଇଛନ୍ତି । ଏହି ଦୁଇଟି ଯାକ ନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ପରାସ୍ତ କରିଛନ୍ତି । ୨୦୦୯ ନିର୍ବାଚନରେ ସେ ଯେତିକି ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ, ୨୦୧୯ ନିର୍ବାଚନରେ ତାହା ଢେର୍ କମିଛି । ୨୦୧୪ ମସିହାରେ ଭାଗୀରଥି ବିଜେପି ଦଳକୁ ଡିଆଁ ମାରିବାରୁ ଭୋଟ ହାର କମିଥିବା ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି । ଯାହେଉ, ଭାଗୀରଥି ଦୁଇଥର ବିଧାୟକ ବନିଥିବା ବଡ଼ ସୌଭାଗ୍ୟର କଥା । ଆମେ ତାଙ୍କୁ ସ୍ୱାଗତ କରୁଚେ । ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ସେ ସର୍ବଦା ପ୍ରସ୍ତୁତ ଥିବା ଘୋଷଣା କରୁଥିବାରୁ ଆମର ଅଶେଷ ଧନ୍ୟବାଦ ।

ଠିକ୍ ଅଛି, ଆମେ ଏବେ ଛୋଟିଆ ଉଦାହରଣଟିଏ ପେଶ୍ କରୁଚେ । ସେଥିରୁ ସବୁକଥା ବଳେ ଜଣା ପଡ଼ିଯିବ । ଗତ କିଛି ମାସ ପୂର୍ବେ ଫକୀରପୁର ଗ୍ରାମର କେତେକ ଯୁବକ ଆମକୁ ଭେଟି ଗୋଟିଏ ସମସ୍ୟା ଜଣାଇଥିଲେ । ଫକୀରପୁରରେ ଭାଗୀରଥିଙ୍କ ଘର । ଯୁବକମାନଙ୍କର ଅଭିଯୋଗ, ଫକୀରପୁରରେ ସଠିକ୍ 'ଗାଁ-ସାଇନବୋର୍ଡ' ଲଗା ଯାଇନାହିଁ । ଆନନ୍ଦପୁର, ଶାଳବଣି, ଆମ୍ବଗଡ଼ିଆ, ବଞ୍ଚୋ, ଚୋରଗଡ଼ିଆ ଓ ଛେନାପଦୀରେ ଯେଉଁ ସାଇନବୋର୍ଡ ଗୁଡ଼ିକ ଲଗା ଯାଇଛି, ତାର ଆକାର ଢେର୍ ବଡ଼ । ଦୁଇଟି ଲୁହା ସ୍ତମ୍ଭ ଉପରେ ସାଇନବୋର୍ଡର ଆକାର ଚାରି ଫୁଟ୍‌ରେ ଛଅ ଫୁଟ୍ । ମାତ୍ର ଫକୀରପୁରରେ ଯେଉଁ ସାଇନବୋର୍ଡ ଲାଗିଛି, ତାହା ଗୋଟିଏ ଲୁହା ସ୍ତମ୍ଭ ଉପରେ ଦେଢ଼ ଫୁଟରେ ଦୁଇଫୁଟ । ଅକ୍ଷରଗୁଡ଼ିକ ଏତେ ଛୋଟ ଯେ ଆଖିକୁ ଦିଶୁନି । ଯୁବକଗଣ କାହିଁକି ନିଜ ଗାଁ ବିଧାକଙ୍କ ଦୃଷ୍ଟି ଆକର୍ଷଣ କରୁନାହାନ୍ତି ବୋଲି ପଚାରିବାରୁ ସେମାନେ କହିଲେ- ଭାଗୀରଥି ଏହାକୁ ଅତି ମାମୁଲି କଥା ମନେ କରୁଛନ୍ତି । ଭାଗୀରଥିଙ୍କ ମତ- ସାଇନବୋର୍ଡ କଣ ଗୋଟାଏ କାମ ? ଗୋଟିଏ ଡ୍ୟାମ୍ କିମ୍ବା ଷ୍ଟାଡିୟମ ନିର୍ମାଣ କରିବାକୁ ତାଙ୍କୁ ଅନୁରୋଧ କରାଯାଉ । ଗାଁ ସାଇନବୋର୍ଡ କଥା ଶୁଣି ସେ ଯୁବକମାନଙ୍କ ଉପରେ ଗରଗର । ଫକୀରପୁର ଗ୍ରାମର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବି ଏଥିରେ ଖୁବ୍ ମର୍ମାହତ ।

ଆମେ ଏଇଠି ଆଉ ଗୋଟିଏ ଦୃଷ୍ଟାନ୍ତ ପେଶ୍ କରୁଚେ । ଆନନ୍ଦପୁର ନିର୍ବାଚନ ମଣ୍ଡଳିର ଓରାଳି ଗ୍ରାମରେ ମଧ୍ୟ ଗୋଟିଏ ତ୍ରୁଟିପୂର୍ଣ୍ଣ ସାଇନବୋର୍ଡ ଲାଗିଛି । ସାଇନବୋର୍ଡରେ ଓରାଳି ବଦଳରେ ଲେଖାାଇଛି ଶାଳଣିଆଁ । ଯେଉଁଠି ସାଇନବୋର୍ଡ ଲଗାଯାଇଛି, ସେଠାରୁ ଶାଳଣିଆଁର ଦୂରତା ନଅ କିଲୋମିଟର । ଅତୀତରେ ଏହି ସ୍ତମ୍ଭକାର ଏ ପ୍ରସଙ୍ଗରେ ଏକାଧିକ ସ୍ତମ୍ଭ ଲେଖିଛନ୍ତି । ସାତ ଦିନ ମଧ୍ୟରେ ତ୍ରୁଟି ସଂଶୋଧନ କରାଯିବାକୁ ଭାଗୀରଥି ଆମକୁ ପ୍ରତିଶ୍ରୁତି ଦେଇଥିଲେ । ତିନିମାସ ବିତିଗଲା । କିଛି ହେଲାନାହିଁ । ବିଭିନ୍ନ ପ୍ରମୁଖ ଖବରକାଗଜରେ ଥରକୁ ଥର ଏ ସମ୍ବାଦ ଛପାଗଲା । ଭାଗୀରଥି କହୁଛନ୍ତି- କେଉଁ ଖବରକାଗଜରେ ସେ ଖବର ଛପାଯାଇଛି, ତାଙ୍କୁ ଜଣାନାହିଁ । ଆମେ କହିବା କାହାକୁ ??

ଯଦି ବିଧାୟକ ଭାଗୀରଥି ନିଜ ଗାଁର ତ୍ରୁଟିପୂର୍ଣ୍ଣ ସାଇନବୋର୍ଡଟିକୁ ସଜାଡ଼ି ପାରୁନାହାନ୍ତି, ତା'ଠୁ ବଳି ଦୁଃଖଦାୟକ କଥା ଆଉ କଣ ଥାଇପାରେ ? ତାଙ୍କ କାର୍ଯ୍ୟକାଳ ୨୦୨୪ ମସିହାରେ ପୂରଣ ହେଉଛି । ଅନ୍ତତଃ ତା' ପୂର୍ବରୁ ସେ ଫକୀରପୁର ଗ୍ରାମବାସୀଙ୍କ ଦାବି ପୂରଣ କରି ନିଜର ପାରିବାପଣିଆର ପ୍ରମାଣ ଦିଅନ୍ତୁ । ଆମେ ଯୋଡ଼ହସ୍ତରେ ଘୋଷଣା କରୁଚେ- ତାଙ୍କୁ ଫକୀରପୁରରେ ନିଶ୍ଚୟ ସମ୍ବର୍ଦ୍ଧିତ କରାଯିବ । ଦେଖାଯାଉ, ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଗୁଡ୍ ବୁକ୍'ରେ ଭାଗୀରଥିଙ୍କ ନାଁ ଚଢୁଛି କି ନା ? ଜୟ ଜଗନ୍ନାଥ ।

+ ଓରାଳି, କେନ୍ଦୁଝର
(ମୋ) ୯୯୩୭୭୯୧୨୪୪

ରଜନୀଙ୍କ ରାଜଧାନୀ ଗୁଗୁଲ୍

॥ ଦୁର୍ନୀତିର ସୀମା ସରହଦ ॥

ଦୁର୍ନୀତି କଥା ଆଲୋଚନା କଲାବେଳେ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରର ଲୋକପ୍ରିୟ ସଂଳାପ ମନେପଡ଼େ। ଚଳଚ୍ଚିତ୍ରଟିରେ ଜଣେ ନେତା ଓ ପୁଲିସ ଅଫିସରଙ୍କ ଉକ୍ତି ପ୍ରତ୍ୟୁକ୍ତି ବେଶ୍ ଉପଭୋଗ୍ୟ। କ୍ରୁଦ୍ଧ ନେତାଜଣକ ପୁଲିସ ଅଫିସରଙ୍କୁ କହିବାର ଦେଖାଯାଉଛି, "ତମେ ପୁଲିସ ବାଲା ସବୁଠି ଲାଂଚ ମାଗିବ, ଏମିତିକି ପରିସ୍ରାକୁ ବି ଛାଡ଼ିବନି", ଉତ୍ତରରେ ପୋଲିସ ବାବୁ ଜଣକ କହିଲେ, "ତମେ ନେତାମାନେ ସବୁଥିରୁ ପରସେଣ୍ଟେଜ ମାଗିବ। ଏମିତିକି ପରିସ୍ରାରୁ ଯଦି ଲାଭ ମିଳିବା ଜାଣ ତାହେଲେ ସେଥିରୁ ବି ପରସେଣ୍ଟେଜ୍ ଦାବି କରିବ।" କଥାଟିର ପ୍ରାସଙ୍ଗିକତା ଏବେ ପ୍ରାୟ ସମସ୍ତେ ଅଳ୍ପେ ବହୁତେ ଅନୁଭବ କରୁଛନ୍ତି। ଦୁର୍ନୀତିର ପରିସର ଏତେ ପରିବ୍ୟାପ୍ତ ଯେ' ଚାହିଁଲେ ଆଖି ପାଇବନି। ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ, ବଦଳି, ପୋଷ୍ଟିଂରେ କେବଳ ଦୁର୍ନୀତି ସୀମାବଦ୍ଧ ହୋଇ ରହିନି। ଶିକ୍ଷା, ସଂସ୍କୃତି, ଗୋଖାଦ୍ୟ, ଏପରିକି ସ୍ୱାସ୍ଥ୍ୟ ସେବା ସବୁଠି ଦୁର୍ନୀତିର ଗନ୍ଧ ବାରି ହେବାଟା ନିତିଦିନିଆ ଘଟଣା। ରାଜଧାନୀ ନିକଟ ଏକ ହସ୍ପିଟାଲରେ ଚମକପ୍ରଦ ଘଟଣା ନଜରକୁ ଆସିଛି। ରୋଗୀ କଲ୍ୟାଣ ସମିତି ଆଳରେ ଗୋଟିଏ ହସ୍ପିଟାଲକୁ ଆସିଥିବା ଗାର୍ଡ଼େନ ପାଇଁ ଅର୍ଥ, ପରିମଳ ବ୍ୟବସ୍ଥା, ରୋଗୀଙ୍କ ସୁବିଧା ପାଇଁ ଆସୁଥିବା ଭିନ୍ନ ଭିନ୍ନ ଗ୍ରାଣ୍ଟକୁ ସହଭାଗିତାରେ ଚଳୁ କରିଦିଆ ଚାଲୁଛି। ପରସେଣ୍ଟେଜ ନ ମିଳିଲେ ଚିକିତ୍ସା ଅଧିକାରୀଙ୍କୁ ବଦଳି କରିବାର ଧମକ ବି ମିଳୁଛି। ଏପରିକି ବ୍ୟବହାର ପାଇଁ ଆସୁଥିବା ତିନି ତିନିଟା ଏ.ସି ମେସିନକୁ ବି ବାଂଟି ନେଇଗଲେ। ସାଧାରଣ ଜନତା ସବୁ ଶୁଣିଲେ ବି ଚୁପ୍ ରହୁଛନ୍ତି। ରୋଗୀଙ୍କ ପଇସା ହଜମ କରିପାରିଲେ ହେଲା।

॥ ସୁରଭାଇଙ୍କ ତୁଣ୍ଡି ॥

ସମସ୍ତେ ଏକଥା ଭଲ କରି ଜାଣନ୍ତି ସୁରଭାଇଙ୍କ (ସୁର ରାଉତରାୟ) ମୁହଁରେ ବାଡ଼ବତା ନାହିଁ। ଯାହା ଠିକ୍ ଭାବିଲେ କହିଲେ। ତେଣିକି ଶଗଡ଼ କିଆବାଡ଼ରେ ପଡୁ ଖାତର ନାହିଁ, ତାଙ୍କ ମୁହଁରେ ତୁଣ୍ଡି ବାନ୍ଧିବାକୁ କାହାର ସାହାସ ନାହିଁ। ଏ କରୋନା ସମୟରେ ବି ମୁହଁରେ ମାସ୍କ/ତୁଣ୍ଡି ଭିଡ଼ିବାକୁ ହରଗଜ ନାହିଁ କରୁଥିଲେ। ଖୋଲାମେଲାରେ ବୁଲି ସରକାରୀ ନିୟମକୁ ଫୁ କରିଦେଉଥିଲେ। ବଡ଼ ଅଜବ ବି ସୁର ଭାଇଙ୍କ ଯୁକ୍ତି। ଏବେ କିନ୍ତୁ କରୋନାର ୨ୟ ଲହରୀରେ ସାରା ଦେଶଟା ଛଟପଟ ହେଲାବେଳେ ସୁର ଭାଇଙ୍କର ଚେତା ପଶିଛି। ଏବେ ମୁହଁରେ ତୁଣ୍ଡି ବାନ୍ଧିବାକୁ ନିଷ୍ପତ୍ତି ନେଇଛନ୍ତି। ମୁହଁରେ ତୁଣ୍ଡି ବାନ୍ଧି ଏକ ଫଟୋ ବି ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି। ଦେଖାଯାଉ ଆଗକୁ କେତେଦିନ ସୁରଭାଇ ମୁହଁରେ ତୁଣ୍ଡି ଦେଇ ବୁଲୁଛନ୍ତି।

ମନ୍ତ୍ର ଯୋଗ

ସୁଧାଂଶୁ ଶେଖର ଦ୍ୱିବେଦୀ

ମନ୍ତ୍ର ଯୋଗ ବା ଜପ ଯୋଗର ଚମତ୍କାର ବିଷୟ ଶାସ୍ତ୍ରରେ ସବିଶେଷ ଉଲ୍ଲେଖ କରା ହୋଇଛି।ବେଦରେ ଉଲ୍ଲେଖ ଅଛି ବିଶେଷ ପ୍ରକାର ମନ୍ତ୍ର ଉଚ୍ଚାରଣ କରିବାରେ ଶରୀର ଓ ମସ୍ତିଷ୍କରେ ଅଦ୍ଭୁତ ପ୍ରକାର ପ୍ରାଣ ଶକ୍ତି ଉତ୍ପନ୍ନ ହୋଇଥାଏ।ବୈଜ୍ଞାନିକମାନେ ମଧ୍ୟ ମନ୍ତ୍ରର ଉଚ୍ଚାରଣକୁ ପରୀକ୍ଷା ନିରୀକ୍ଷା କରି ସିଦ୍ଧ କରିଛନ୍ତି ମନ୍ତ୍ର ରେ ପ୍ରୟୋଗ ହେଉଥିବା ଶବ୍ଦରେ ମଧ୍ୟ ପ୍ରାଣ ଶକ୍ତିର ଅବସ୍ଥିତି ଥାଏ। ମନ୍ତ୍ରରେ ପ୍ରୟୋଗ ହେଉଥିବା କିଛି ଏଭଳି ଶବ୍ଦ ଅଛି ଯାହାକୁ ଅଲଫା ୱେଭସ କହନ୍ତି। ମନ୍ତ୍ରରେ ଏହି ଶବ୍ଦ ୮ ରୁ ୧୩ ଆବର୍ତ୍ତନ ପ୍ରତି ସେକେଣ୍ଡରେ ହୋଇଥାଏ ଏବଂ ଏହାର ଧ୍ୱନି ତରଙ୍ଗ ବ୍ୟକ୍ତିର ଏକାଗ୍ରତାରେ ମଧ୍ୟ ଉତ୍ପନ୍ନ ହୋଇଥାଏ । ଏହିସବୁ ଶବ୍ଦରେ ଯାହା ପ୍ରସ୍ତୁତ ହୋଇଥାଏ ତାହାକୁ ମନ୍ତ୍ର କୁହାଯାଏ। ମନ୍ତ୍ରକୁ ଜପ କଲେ ମନୁଷ୍ୟ ଶରୀର ଭିତରେ ଯେଉଁ ଧ୍ୱନି ତରଙ୍ଗର କମ୍ପନ ସୃଷ୍ଟି ହୁଏ ତାହାକୁ ମନ୍ତ୍ର ବା ଜପ ଯୋଗ କୁହା ଯାଇଥାଏ।

ଶାସ୍ତ୍ରାନୁସାରେ 'ଜ' ର ଅର୍ଥ ଜନ୍ମ ଏବଂ 'ପ'ର ଅର୍ଥ ପାପ ନଷ୍ଟ ହେବା କୁ ବୁଝାଏ। କୌଣସି ମନ୍ତ୍ରକୁ ବାରମ୍ବାର ଜପ କଲେ ଶରୀର ମଧ୍ୟରେ ଥିବା ଅଶୁଦ୍ଧତା ଶୁଦ୍ଧତାରେ ପରିବର୍ତ୍ତିତ ହୋଇ ଚମତ୍କାର ପରିବର୍ତ୍ତନ ସୃଷ୍ଟି କରିଥାଏ । ମନ୍ତ୍ରର ଅର୍ଥ ଙ୍କୁ ଏକ ତନ୍ତ୍ରରେ ବାନ୍ଧି ରଖିବା। ଯେବେ ମନ ଗୋଟିଏ ତନ୍ତ୍ରରେ ବାନ୍ଧିଯାଏ ମନୁଷ୍ୟର ଏକାଗ୍ରତା ବଢିବା ସହିତ ମାନସିକ ସ୍ତରରେ ଶକ୍ତିଶାଳୀ ହୋଇଯାଏ । ମନ ମଧ୍ୟରେ ଭଲ ବିଚାର, ମନ୍ତ୍ର ଉଚ୍ଚାରଣ ଓ ଭଗବାନଙ୍କ ନାମକୁ ବାରମ୍ବାର ଜପ ବା ଧ୍ୟାନ କରିବା ଦ୍ୱାରା ମନୁଷ୍ୟ ଶରୀରରେ ଏକ ନୂଆ ସୃଷ୍ଟି ହୋଇଥାଏ । ଯାହା ଭୌତିକ, ମାନସିକ, ଆଧ୍ୟାତ୍ମିକ ସ୍ତରକୁ ମଜବୁତ କରିଦିଏ । ଏହିସବୁ ଶକ୍ତିର ଉପଯୋଗରେ ମନୁଷ୍ୟ ସଫଳ, ସୁସ୍ଥ ଓ ଶକ୍ତିଶାଳୀ ଅନୁଭବ କରିଥାଏ। ମନ୍ତ୍ର ମାଧ୍ୟମରେ ଆମେ ନିଜ ମନ ଓ ମସ୍ତିଷ୍କରୁ ନକାରାତ୍ମକ ବିଚାରକୁ ଦୂରେଇ ସକାରାତ୍ମକ ବିଚାରରେ ବଦଳାଇ ପାରିବା। ବାରମ୍ବାର ସକାରାତ୍ମକ ବିଚାର ଓ ଭାବନାରେ ମନକୁ ସଂଶ୍ଳିଷ୍ଟ କରି ରଖିଲେ ଜୀବନରେ ଘଟୁଥିବା ଅଶୁଭ ପରିସ୍ଥିତି ଦୂର ହୋଇ ସାର୍ଥକ ଜୀବନ ଗଢିହୁଏ।

କୌଣସି ମନ୍ତ୍ରକୁ ପ୍ରତିଦିନ ନିୟମିତ ଜପ କଲେ ସିଦ୍ଧି ପ୍ରାପ୍ତିର ଦ୍ୱାର ଖୋଲିଯାଏ। ଜାଗୃତ,ସ୍ୱପ୍ନ ଓ ଶୁଶୁପ୍ତି ଏହି ତିନୋଟି ଅବସ୍ଥାରେ ମନୁଷ୍ୟ ସଚେତନ ହୋଇଯାଏ।ଜପ ଯୋଗ ମନୁଷ୍ୟର ଅବଚେତନ ମନକୁ ଜାଗ୍ରତ କରି ଦିବ୍ୟ ଭାବ ପ୍ରଦାନ କରିଥାଏ।ଯାହାଦ୍ୱାରା ମନୁଷ୍ୟ ଯେକୌଣସି ରୂପେ ନିଜକୁ ସ୍ଥାପିତ କରିବାରେ ସକ୍ଷମ ହୋଇଥାଏ।

ନିଜର ଇଷ୍ଟ କି କୌଣସି ଶକ୍ତିଶାଳୀ ଦେବ ଦେବୀଙ୍କ ମନ୍ତ୍ରକୁ ନିରନ୍ତର ଉଚାରଣ କରିବା ଦ୍ୱାରା ମନୁଷ୍ୟର ନକାରାତ୍ମକ ଚିନ୍ତା ଧାରା ସକାରାତ୍ମକ ପ୍ରାଣ ଶକ୍ତିରେ ଯୋଡିହୋଇ ଯାଏ।ମନ୍ତ୍ର ମାଧ୍ୟମରେ ଯେକୌଣସି ଦେବୀ ଦେବତାଙ୍କୁ ସାଧନା କରିହୁଏ ଓ କୌଣସି ଜକ୍ଷ ବା ଜକ୍ଷିଣୀଙ୍କୁ ମଧ୍ୟ ବଶୀଭୂତ କରାଯାଏ।ମନକୁ ସାଧନା ଭିତିକ ବାଧାବିଘ୍ନର ଆଧ୍ୟାତ୍ମିକ ଉପଚାର ଅଟେ।ଯଦି ଜୀବନରେ କୌଣସି ପ୍ରକାର ସମସ୍ୟା କି ବାଧା ଉପୁଜେ ସେସବୁ ସମସ୍ୟାକୁ ମନ୍ତ୍ର କି ଜପ ଯୋଗ ଦ୍ୱାରା ଠିକ କରିହୁଏ।

ପ୍ରତିଦିନ ଆପାତତଃ ଗୋଟିଏ ଘଣ୍ଟା ମନ୍ତ୍ର ଜପ କଲେ ଶରୀର ଓ ମସ୍ତିଷ୍କରେ ଧ୍ୱନି ତରଙ୍ଗ ଉତ୍ପନ୍ନ ହୋଇଥାଏ ତଥା ଶରୀରର ସୂକ୍ଷ୍ମାତିସୂକ୍ଷ୍ମ ଅଂଶରେ କମ୍ପନ ସୃଷ୍ଟି ହୋଇଥାଏ।ଏହାଦ୍ୱାରା ମନୁଷ୍ୟର ସୂକ୍ଷ୍ମ ଶରୀର ସକ୍ରିୟ ହୋଇ ଶକ୍ତିଶାଳୀ ପ୍ରଭାବ ପରିଣାମ ଦେବାକୁ ପ୍ରାରମ୍ଭ କରିଦିଏ।

ଯେବେ ମନୁଷ୍ୟ ବହୁତ ବ୍ୟଗ୍ର ବା ଚିନ୍ତିତ ହୋଇପଡେ ସେତେ ବେଳେ ବିଭିନ୍ନ ପ୍ରକାର ନକାରାତ୍ମକ ବିଚାର ଧାରା ତା ଚାରିପାଖେ ଘେରିଯାଏ, ପରିସ୍ଥିତି ସଙ୍କଟାପନ୍ନ ହୋଇଯାଏ। ଏଭଳି ସ୍ଥିତିକୁ ଆୟତ୍ତକରିବା ପାଇଁ ଯେକୌଣସି ମନ୍ତ୍ରକୁ ଜପ କଲେ ମନରେ ବିଶ୍ୱାସ ଓ ସକାରାତ୍ମକ ଶକ୍ତିର ବିକାଶ ହୋଇଥାଏ।ଏଥିସହିତ ଶୋକ ଓ ସନ୍ତ୍ର ମଧ୍ୟ ଅଚିରେ ଲୋପ ପାଏ।ମନୁଷ୍ୟକୁ ମାନସିକ ସ୍ତରରେ ସଂପୂର୍ଣ୍ଣ ଶାନ୍ତ ସୁଧାର କରିଦିଏ।

କୌଣସି ମନୁଷ୍ୟ ଯଦି ସାତ୍ତ୍ୱିକ ରୂପେ ନିଶ୍ଚିତ ସମୟ ଓ ନିଶ୍ଚିତ ସ୍ଥାନରେ ବସି ପ୍ରତିଦିନ ମନ୍ତ୍ର ଜପ କରିବେ ତାହେଲେ ଏହା ନିଃସନ୍ଦେହ ମନ ମଧ୍ୟରେ ଆତ୍ମ ବିଶ୍ୱାସ ବଢିବ ଏବଂ ଆଶାବାଦୀ ଦୃଷ୍ଟିକୋଣ ମଧ୍ୟ ବିକଶିତ ହେବ ଯାହା ସମସ୍ତଙ୍କ ଜୀବନ ଲାଗି ଜରୁରୀ ହୋଇଥାଏ।

ବିସି-୭୪,ସଲଟ ଲେକ,କଲକତା-୬୪
ମୋ/୯୬୮୧୩୭୩୫୧୨



॥ ତକ୍‌ସୀମ୍ ॥



ଗୁଲଜାର
(୧୯୩୪)

ଆଖି ସାମ୍ନାରେ ଛୁଆଙ୍କ ମୃତ୍ୟୁ ଦେଖିଲେ ବାପମା'ଙ୍କୁ କଷ୍ଟ ହୁଏ ସତ କିନ୍ତୁ ନିରୁଦ୍ଦିଷ୍ଟ ହୋଇଗଲେ ତାଙ୍କ ଜୀବନ ହୋଇଯାଏ ଦୁର୍ବିସହ। କେଉଁଠି ଥିବ, କେମିତି ଥିବ, କେତେବଡ଼ ହେବଣି, ଆମକୁ ଏବେ ବି କ'ଣ ଝୁରୁଥିବ ଇତ୍ୟାଦି କେତେ ପ୍ରଶ୍ନ ମନ ଭିତରେ ଗୋଳେଇ ଘାଣ୍ଟି ହୁଏ ମୃତ୍ୟୁ ପର୍ଯ୍ୟନ୍ତ । ସେଇମିତି ଏକ ବାପମା'ଙ୍କୁ ଭେଟିଛନ୍ତି ପ୍ରଖ୍ୟାତ ଗୀତିକାର ତଥା ଲେଖକ ଗୁଲଜାର । ସେମାନେ ୟା'ଙ୍କୁ ଅତୀତରେ ହଜିଯାଇଥିବା ପୁଅ ବୋଲି ଭାବୁଥାନ୍ତି । ଏଥର ସେଇ ଆଲେଖ୍ୟ - 'ତକ୍‌ସୀମ୍' ... ବିଭାଜନ ।

ଜୀବନ, କେବେ କେବେ ଆହତ ଚିତାବାଘ ଭଳି ଡିଆଁ ମାରି ମାରି ଧାଏଁ । ସ୍ଥାନେ ସ୍ଥାନେ ମାଟି ଉପରେ ଛାଡ଼ିଯାଏ ଆପଣା ଶକ୍ତ ପଞ୍ଜାର ଚିହ୍ନ । ସେଇ ସବୁକୁ ଏକ ରେଖାରେ ସଂଯୋଗ କଲେ ତାହା ଏଭଳି ଏକ ଅଜବ ଆଲେଖ୍ୟର ରୂପ ନିଏ ଯେ ଆପଣ ତାକୁ ଦେଖିଲେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ । ୧୯୮୪/୮୫ ମସିହାର କଥା । ଅମୃତସରରୁ ଜଣେ ମୋ ପାଖକୁ ଚିଠି ପଠାନ୍ତି ମୁଁ ବିଭାଜନ ବେଳେ ହଜିଯାଇଥିବା ତାଙ୍କର ସାନଭାଇ ବୋଲି ଭାବି । ତାଙ୍କ ନାଁ ଇକ୍‌ବାଲ୍ ସିଂହ, ଗାଲେବନ୍ ଖାଲ୍‌ସା କଲେଜରେ ପ୍ରଫେସର ଥାଆନ୍ତି । ଲାଗ୍ ଲାଗ୍ ତିନି ଚାରିଟା ଚିଠି ଆସିବା ପରେ ମୁଁ ତାଙ୍କୁ ବିସ୍ତାରରେ ବର୍ଣ୍ଣନା କରି ଉତ୍ତର ପଠାଏ ଯେ ମୁଁ ବିଭାଜନ ବେଳେ ଦିଲ୍ଲୀରେ ଥିଲି ମୋ ବାପାମା'ଙ୍କ ସହ । ମୋର କୌଣସି ଭାଇ କି ଭଉଣୀ ସେଇ ଦଙ୍ଗା ଫସାଦ୍ ବେଳେ ନିରୁଦ୍ଦିଷ୍ଟ ହୋଇ ନାହାନ୍ତି । ଏହା ସତ୍ତ୍ୱେ ସେ ଭଦ୍ରବ୍ୟକ୍ତି ତାଙ୍କ କଥାରେ ଦୃଢ଼ ରହନ୍ତି । ଆପଣା ବାଲ୍ୟକାଳ ବିଷୟରେ ହୁଏତ ମୁଁ ଜାଣେନି କିମ୍ବା ସମ୍ପୂର୍ଣ୍ଣ ଭୁଲି ଯାଇଛି । ସେ ଭାବୁଥାନ୍ତି ମୁଁ ବହୁତ ଛୋଟ ବୟସରେ ହଜି ଯାଇଛି ଗୋଟେ କାଫିଲାରେ ଯାତ୍ରା କଲାବେଳେ । ଯେଉଁମାନେ ଉଦ୍ଧାର କରି ସାଙ୍ଗରେ ନେଇ ଆସିଛନ୍ତି ସେମାନେ ମୋତେ ସେସବୁ ବିଷୟରେ କିଛି କହି ନାହାନ୍ତି ପରେ କିମ୍ବା ମୁଁ ତାଙ୍କ ପ୍ରତି ଏତେ କୃତଜ୍ଞ ଯେ କୌଣସି ପରିସ୍ଥିତିରେ ବି ଏସବୁ ମାନିନେବାକୁ ପ୍ରସ୍ତୁତ ନୁହେଁ । ମୁଁ ତାଙ୍କୁ ବାରମ୍ବାର ଲେଖେ ୧୯୪୭ ମସିହା ବେଳକୁ ମୁଁ ଏତେ ଛୋଟ ନଥିଲି ଯେ କୌଣସି କଥା ମନେ ରଖି ପାରିବିନି । ସେତେବେଳେକୁ ମୁଁ ପରା ୧୨ ବର୍ଷର ହେଲିଣି । ହେଲେ ପ୍ରଫେସର ମାନିବାକୁ ନାରାଜ । ଶେଷକୁ ମୁଁ ଆଉ ତାଙ୍କ ପତ୍ରର ଉତ୍ତର ଦିଏନି। କିଛିମାସ ପରେ ତାଙ୍କ ପାଖରୁ ଚିଠି ଆସିବା ବି ଆପେ ଆପେ ବନ୍ଦ ହୋଇଯାଏ ।

ପ୍ରାୟ ବର୍ଷେ ପରେ ପ୍ରଖ୍ୟାତ ଫିଲ୍ମ ନିର୍ମାତା 'ସଂଇ ପରାଞ୍ଜପେ' ମୋତେ ଭେଟି କହନ୍ତି, ହରଭଜନ ସିଂହ ନାମକ ଦିଲ୍ଲୀର ଜଣେ ବ୍ୟକ୍ତି ମୋତେ ଆସି ଭେଟିବାକୁ ଚାହୁଁଛନ୍ତି । କାହିଁକି ଭେଟିବାକୁ ଇଚ୍ଛା ସେକଥା ନକହି କିଛି ରହସ୍ୟଜନକ ପ୍ରଶ୍ନ ପଚାରନ୍ତି ଯାହା ମୁଁ ତାଙ୍କ ପାଖରୁ ଆଶା କରୁ ନଥାଏ । ଯେମିତି, "ବିଭାଜନ ବେଳେ ତୁମେ କେଉଁଠି ଥିଲ ?" - "ଦିଲ୍ଲୀରେ, କାହିଁକି ?" - ସେମିତି ପଚାରିଦେଲି, ଆଚ୍ଛା ତୁମ ମା' କେଉଁଠି ଥିଲେ କୁହତ ?" - ଦିଲ୍ଲୀରେ ଥିଲେ, ମୁଁ ବାପାମା'ଙ୍କ ସହ ରହୁଥିଲି ପରା ।" ଏମିତି କିଛି ବାର୍ତ୍ତାଳାପ ପରେ କହନ୍ତି ଯେ ଦିଲ୍ଲୀରେ ଜଣେ ଶିଖ୍ ବୃଦ୍ଧବ୍ୟକ୍ତି ଅଛନ୍ତି ଯିଏ ମୋତେ ବିଭାଜନ ବେଳେ ହଜିଯାଇଥିବା ତାଙ୍କ ପୁଅ ବୋଲି ଭାବନ୍ତି ।

ପୁଣି କିଛିଦିନ ବିତିଯାଏ । ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଅମୋଲ ପାଲେକରଙ୍କ ଫୋନ୍‌ରେ କହନ୍ତି ରାଜନେତା ମଧୁ ଦଣ୍ଡବତେଙ୍କ ପତ୍ନୀ ମୋ ସହିତ କଥ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଅପ୍ରେଲ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୩୬)

ସକାଳ ନଅରେ ଆସୁଥିବା ଟ୍ରେନ୍(୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେ ସେମାନଙ୍କ ସାମ୍ନାରେ ଘରେ ପ୍ରସ୍ତୁତ ହୋଇଥିବା ମିଠାଇ ରଖି କହିଲା, "ନିଅ, ଖାଅ।" ଏତେ ଯତ୍ନରେ ତିଆରି ହୋଇଥିବା ମିଠାଇ ତୁମର ଏହି ସହରରେ ମିଳିବ ନାହିଁ। ଏଠାକାର ମିଠାଇରେ ଅପମିଶ୍ରଣ ରହିବ। କିଛି ଦିନର ବଳିଥିବା ମିଠାଇକୁ ଘାଣ୍ଟି ଫେଣ୍ଟି ପୁଣି ତାହା କରି ବିକ୍ରି କରନ୍ତି ଏଠାକାର ଦୋକାନଦାର। ଲୋକମାନେ ଖୁବ୍ ଗର୍ବର ସହିତ ମିଠାଇ ଖର୍ଦ୍ଦି କରି ଖାଆନ୍ତି ଏବଂ ବେମାରି ଫ୍ରି (ମୁକ୍ତ)ରେ ପ୍ରାପ୍ତ କରନ୍ତି।

ଗାଁର ଏତେ ପ୍ରଶଂସା କର ନାହିଁ। କାରଣ ଏଇ ବଜାର ପାଇଁ ତମେ ବଞ୍ଚିଛ। ଗୋଟେଦିନ ବଜାର ବନ୍ଦ ହୋଇଯିବ ତ ସବୁ ହାକିମାତି କଥା ବାହାରିଯିବ। ଗାଁ ହେଉଛି ମଫସଲ। ପ୍ରଭଞ୍ଜନ କହିଲା, ହଉ ମାନିଗଲି ତୁମ ସହର ଖୁବ୍ ମହାନ୍। ମାତ୍ର ତୁମ ସହରରେ ଖାଦ୍ୟ ତ ଜନ୍ମ ଦିଏ ନାହିଁ। ଅନ୍ନ ପାଇଁ ତ ତୁମେ ସବୁ ଗାଁର ମୁହଁକୁ ଚାହିଁ ବସିଥାଅ। ଯଦି କୃଷକ ଦଳବଦ୍ଧ ହୋଇ କିଛି ସମୟ ପାଇଁ ଖାଇବାଦ୍ରବ୍ୟ ବିକ୍ରି ବନ୍ଦ କରିଦେବେ ତ, ଜଣାପଡ଼ିବ ତୁମେ ସବୁ ସହର ରହିବା ବାଲା ଲୋକଙ୍କୁ। ସତ୍ୟଜିତ୍ ଗୋଟିଏ ବ୍ୟଙ୍ଗ ବାଣ ଛାଡ଼ିଲା।

ଆରେ ଛାଡ଼ ସେ କଥାକୁ। ଗାଁ ସହରର ଝଗଡ଼ା। ବହୁତ ଦିନ ପରେ ଆମେ ସବୁ ଏକାଠି ହୋଇଛୁ। ତୋ ବିନାତ ଆମେ ସବୁ ବେସୁରା ଥିଲେ। ଯେବେଠାରୁ ତୁ ଯାଇଛୁ, ଗୋଟିଏ ଦିନବି କିଛି ହୋଇ ନାହିଁ। ଆଜି ହୋଇଯାଉ। ଭାଇ ସାହେବତ ଅଛନ୍ତି। ମଜା ଆସିଯିବ। ସିଦ୍ଧାର୍ଥ କହିଲା।

ନା ବାବା ନା। ପୁଣି କେବେ ଦେଖିବା। ସତ୍ୟଜିତ୍ କହିଲା।

ଆରେ ତମେ ଘରୁ ଆସିଛ, କ୍ଳାନ୍ତ ହୋଇ ପଡ଼ିଥିବ। ସବୁ ଥକ୍କାପଣ ଦୂର ହୋଇଯିବ। ଶେଷରେ ତୁମେ ଅତିଥି ସେବା କରିବ ନାହିଁ? ବହୁତ କାର୍ପଣ୍ୟ ଠିକ୍ ନୁହେଁ।

ତୁମେତ ଏମିତି କଂଜୁସ୍ ନଥିଲ। ପ୍ରଭଞ୍ଜନ ଟିକେ ଧମକ୍ ପୂର୍ଣ୍ଣ କଥା ଆରମ୍ଭ କଲା।

ଶେଷରେ ସତ୍ୟଜିତ୍‌କୁ ସେମାନଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ସେ ତିନିଜଣ ବଜାର ଚାଲିଗଲେ। ମୁଁ ସେହି କୋଠରୀରେ କିଛି ସମୟ ବହିର ପୃଷ୍ଠା ଓଲଟ ପାଲଟ କରୁଥିଲି। ଥକା ବି ଲାଗୁଥିଲା। ବିଛଣାରେ ଶୋଇଗଲି। କିଛି ସମୟ ପରେ ନିଦ୍ରାଦେବୀ ମୋତେ ତାଙ୍କର ଅଂଗରେ ଶୁଆଇ ଦେଲେ।

ସତ୍ୟଜିତ୍‌ର ଝୁଲାଝୁଲା ଆବାଜ୍ ରେ ମୋର ନିଦ ଖୋଲିଲା। ମୁଁ ଆଣ୍ଠା ମାଣ୍ଠା ହୋଇ ବସିଗଲି। ନିଦର ଗଭୀରତା ବି ଆଖିରେ ଛପିଥିଲା। ବୁଝିପାରିଲି ନାହିଁ ମୁଁ ଏବେ କେଉଁଠି? ସେମାନେ ଖାଦ୍ୟ ପରଶି ନିଜ ନିଜ ଆସନ ଅକ୍ତିୟାର କରି ନେଇଥିଲେ। ମୁଁ ବି ହାତ ମୁହଁ ଧୋଇ ସତ୍ୟଜିତ୍ ପାଖରେ ବସିପଡ଼ିଲି। ଗ୍ଲାସରେ ମଦ ଥିବାର ଦେଖି ନାକ ଟେକି କହିଲି - "ଆରେ ଏ କ'ଣ?" କୃପା କରି ଏହାକୁ ହଟାଇ ନିଅ। ମୁଁ ନିଏ ନାହିଁ।

କେମିତି ମଣିଷ ତୁମେମାନେ। ଝିଅଙ୍କ ଭଳି ନଖରା ଦେଖାଉଛ। ଏହା ବିନା କ'ଣ ହଜମ ହେବ? ପ୍ରଭଞ୍ଜନ କହିଲା।

ନାନା ପ୍ରଭଞ୍ଜନ ଭାଇ। ମୁଁ କେବେବି ନେଇ ନାହିଁ।

ଆମେ କ'ଣ ରୋଜ୍ ରୋଜ୍ ନେଉଛେ। ମୌଜ ମସ୍ତି ପାଇଁ ବେଳେ ବେଳେ ନେଉ।

"ନା ଭାଇ ନା। ମୁଁ କୌଣସି ହାଲତରେ ଏହାକୁ ସେବନ କରିବି ନାହିଁ।"

ସେବନ କରିବା ପାଇଁ କିଏ କହୁଛି? ଆମେତ ଖାଇବା ପିଇବା କଥା କହୁଛ। ଆମ ମିତ୍ରଙ୍କ କଥା ମାନିବ ନାହିଁ, ରାଧୁ ଭାଇ। ଏତ ଭଲ କଥା ନୁହେଁ। ବାସ୍ ଗୋଟିଏ ପ୍ୟାଗ୍ ମାତ୍ର। ଦ୍ୱିତୀୟ ଥର ପାଇଁ ତମକୁ ବାଧ୍ୟ କରିବୁ ନାହିଁ। ମୋ ରାଣ, ନେଇ ନିଅ। କ୍ଷତି କରିବ ନାହିଁ। ଖାଦ୍ୟ ହଜମ କରିବାର ଏକ ଔଷଧ। ଉପଦେଶାତ୍ମକ ମୁଦ୍ରାରେ କହୁଥିଲା ପ୍ରଭଞ୍ଜନ।

ଅନେକ ବାହାନା କଲାପରେ ବି ମୋ କଥା ଟିକେବି ରହିଲା ନାହିଁ। ସେହିଦିନ ମଦ୍ୟପାନ କରିବାକୁ ପଡ଼ିଲା। ଖାଇବାପରେ ପ୍ରଭଞ୍ଜନ ସିଗାରେଟ୍ ଜଳାଇଲା। ଏକ ଲମ୍ବା ଶ୍ୱାସ ନେଇ ସିଗାରେଟ୍‌କୁ ଖିଞ୍ଚିଲା। ଧୂଆଁକୁ ଫିଲ୍ଟ ଆଦାଜରେ ଛାଡ଼ି ସିଗାରେଟ୍‌କୁ ମୋ ହାତରେ ଧରାଇ ଦେଲା। ନିଶାର ହାଲତରେ ହଲିବାକୁ ଲାଗିଲା, ମୋର ଏତିକି ଛୋଟିଆ କଥା ମାନିବ ନାହିଁ? ଆଉ ତୁମଠାରୁ କ'ଣ ଆଶା କରାଯାଇପାରେ? ଥରୁଟିଏ ଟାଣ। ବାସ୍ - କେବଳ ଥରେ। ମୋ ରାଣ। ଯଦି ମାନିବ ନାହିଁ ତେବେ ଜୋର୍‌ଜବରଦସ୍ତ ମୁହଁରେ ଠୋସି ଦିଅଯିବ। ସେ ଦୁଇଜଣ ବି ତାର କଥାକୁ ସମର୍ଥନ କରୁଥିଲେ। ନିଶାର ହାଲତରେ କେହି କାହାର କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ। ସବୁ ନିଜ ନିଜ ରାଗ ଆପଣା ଉପରେ। ମୁଁ ଖୁବ୍ ହାଲ୍‌କାରେ ଟାଣିବାରୁ କାଶ ଆସିଗଲା। ଏତେ ଜୋରରେ କାଶ ଛାତି ଭିତରୁ ବାହାରିଲା ଯେ, ବାହାରକୁ ବାନ୍ତି ମାଡ଼ି ଆସିଲା ମୁଁ ଉଠି ପଡ଼ି ଛିଡ଼ା ହୋଇ ସିଧା ବାଥ୍‌ରୁମ୍‌କୁ ଚାଲିଗଲି। ସେଠାରୁ ଆସି ବିଛଣାରେ ପଡ଼ିଗଲି ଏବଂ ଶୋଇଲି।

ଠିକ୍ ତାର ପରଦିନ ସତ୍ୟଜିତ୍ ସାଥିରେ ମୁଁ ନିଜର କୋଠରୀକୁ ଆସିଲି। ରୋଷେଇ ନିଜ ହାତରେ କରି ଦୁଇଜଣ ଏକ ସାଥିରେ ଭୋଜନ କଲୁ। ସତ୍ୟଜିତ୍ ଯେତେବେଳେ ନିଜ ରୁମ୍‌କୁ ଫେରିବାକୁ ଲାଗିଲା, ସେତେବେଳେ ମୋତେ ବୁଝାଇ କହିଲା, ଦେଖ ରାଧୁ! ଘରେ କାହାକୁ ବି ଏକଥା ଯେମିତି ନ ଜଣାଅ। ବନ୍ଧୁଙ୍କ ସହ ବେଳେବେଳେ ଏମିତି କରିବାକୁ ପଡ଼େ। ଯଦି କେତେବେଳେ ଏକ୍‌ଲାପଣ ଅନୁଭବ କରିବ, ତେବେ ମୋ କୋଠରୀକୁ ନିଃସଂକୋଚରେ ଆସିବ।

ଏମିତି ବେଳେବେଳେ ସେ ମୋ ରୁମ୍‌କୁ ଆସିବାକୁ ଲାଗିଲା। ମୁଁ ବି ତା ରୁମ୍‌କୁ ଯାଏ। କେତେବେଳେ ମୋ ରୁମ୍‌ରେ ପାର୍ଟି ଚାଲେ ତ, ପୁଣି କେବେ ମିତ୍ରଙ୍କ ଘରେ। ଘରୁ ମିଳୁଥିବା ଧନରାଶି ମାସ ଶେଷ ହେବା ପୂର୍ବରୁ ହିଁ ସମାପ୍ତ ହୋଇଯାଏ। ଏସବୁ ବେହିସାବ ଖର୍ଚ୍ଚର ପ୍ରତିଫଳ ଥିଲା, ଦୋକାନୀଙ୍କ ଠାରୁ ବାକିରେ ଜିନିଷ କିଣି କାମ ଚଳାଇବାକୁ ପଡୁଥିଲା। ଏବେତ ମୁଁ ସେମାନଙ୍କ ସହ ପୂରାପୂରି ମିଶି ଯାଇଥିଲି। ଘରକୁ ବହୁତ କମ୍ ଯାଉଥିଲି। ଏବେତ ସେଠାକାର ସାରା ଗଳି ଜାଣିଗଲି ଏବଂ ଚିହ୍ନିଲି ମଧ୍ୟ। ଏ ସମସ୍ତ କିଛି କୁସଂଗର ପ୍ରଭାବରେ ହେଲା। ନିଜର ଭଲ ମନ୍ଦ ବିଚାର କରିବାର କହିବାର ସାମର୍ଥ୍ୟ ମୋର ଶେଷ ହୋଇ ଯାଇଥିଲା। ସେହି ଲୋକଙ୍କର କହିବା ଅନୁସାରେ ଅନେକ ଘୃଣିତ କାର୍ଯ୍ୟ କରିବାର ଫଳାଫଳକୁ ତର୍ଜମା ନକରି ସେଥିରେ ମାତିଗଲି। ଶେଷରେ ଘର ଅର୍ଥରେ ମୌଜ ଏବଂ ମସ୍ତି କେତେଦିନ ଚାଲିବ? ପଢ଼ା ନାମକୁ ମାତ୍ର କରୁଥାଏ। ବି.ଏସ୍.ସି. ପ୍ରଥମ ବର୍ଷ ପରୀକ୍ଷା ନିରାଶଜନକ ହେଲା। କୌଣସି ପ୍ରକାର ପାଶ୍ କରିଗଲି। ତୃତୀୟ ଶ୍ରେଣୀରେ ମୋତେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ମା'ର କହିଥିବା କଥା ସ୍ମରଣକୁ ଆସିଲା। ମାତ୍ର କ'ଣ କରିବି? ଅନେକ ଚେଷ୍ଟା କରି ମଧ୍ୟ ସେଭଳି ଚଣ୍ଡାଳ କାର୍ଯ୍ୟରୁ ନିଜକୁ ମୁକ୍ତ କରିପାରିଲି ନାହିଁ। ଆସୁଥିବା ଦିନର ପାର୍ଟି ଏବଂ ଶୂନ୍‌ଶାନ୍ ପଥରେ ପଥିକଙ୍କ ପ୍ରତୀକ୍ଷା କେବଳ ଥିଲା ମୋର।

ଜାନୁଆରୀ ମାସ ଥିଲା। ହାଡ଼ଥରା ଶୀତରେ ଦେହ କମ୍ପୁଥିଲା। ଅନେକ ଦିନ ବିତିଗଲାଣି ସୂର୍ଯ୍ୟୋଦୟ ଦେଖି ନଥିଲି। କୁହୁଡ଼ିର ମୋଟା ଚାଦରରେ ସହର ଘୋଡ଼େଇ ହୋଇଥିଲା। ବୃକ୍ଷରୁ ଟପ୍ ଟପ୍ ବିନ୍ଦୁ ଝରୁଥିଲା। ମୋ ମୁଣ୍ଡ ବିନ୍ଧୁଥିଲା। ମୁଁ ସେହି ଲୋକଙ୍କ ସହ ଯିବା ପାଇଁ ମନା କରିଦେଲି। ମାତ୍ର ମୋ ମନା କରିବା କି ସେମାନେ ମାନିବାବାଲା ଥିଲେ ? ଆମେ ଚାରିଜଣ ସଘନ ଗଛର ତଳେ ବସି ନିଜର ଶିକାର ପାଇଁ ପ୍ରତୀକ୍ଷା କରିବସିଲୁ। ଅଚାନକ୍ ମୋ ମସ୍ତିଷ୍କରେ ଜୋର୍‌ରେ କଷ୍ଟ ଅନୁଭବ କଲି। ମୁଁ ଚିତ୍‌କାର କରିବାକୁ ଲାଗିଲି। ବନ୍ଧୁମାନେ ଚୁପ୍ ରହିବାକୁ ସଂକେତ ଦେଲେ। ମାତ୍ର ଯନ୍ତ୍ରଣା ବଢ଼ି ବଢ଼ି ଚାଲିଥିଲା। ମୁଁ କହିଲି ଭାଇ; ମୁଁ ତ ମୋ ରୁମ୍‌କୁ ଯାଉଛି।

ସେତେବେଳକୁ ସତ୍ୟଜିତ୍ ଧୀର ସ୍ୱରରେ କହିଲା, "ନ'ଟା ବେଳେ ଆସିବା ଟ୍ରେନ୍‌କୁ ତ ଆସିବାକୁ ଦିଅ। କେବେ କେହିନା କେହି ଏହି ପଥରେ ଆସିବେ। ଆଉ ଅଳ୍ପ ସମୟ ରୁହ।"

"ମୁଁ ଏବେ ଆଉ ରହିପାରିବି ନାହିଁ। ଦର୍ଦ୍ଦ କାରଣରୁ ମୋ ପ୍ରାଣ ଛାଡ଼ି ଯିବା ପରି ଲାଗୁଛି ଆଉ ତୁମକୁ ଚିନ୍ତା ନ'ଟା ବେଳେ ଆସୁଥିବା ଟ୍ରେନ୍‌ର! ପ୍ରତୀକ୍ଷା ତ!"

ଆଚ୍ଛା, ତୁମେ ଯାଅ। ଆମେ ପରେ ଆସିବୁ। ଏମିତି ଖାଲି ହାତରେ ଫେରିବୁ ନାହିଁ। ତୁମ ଭଳି କମ୍‌ଜୋର ଥିବା ବ୍ୟକ୍ତିର ରିହବା ବା ନ ରହିବା ସମାନ।" ପ୍ରଭଞ୍ଜନ କଡ଼ା ଶବ୍ଦରେ ମୋତେ ସେଠାରୁ ଚାଲିଯିବାକୁ କହିଲା।

ତା' ପରର ଘଟଣା ନ କହିବା ଭଲ।

ସାମାନ୍ୟ ସୁସ୍ଥ ହେବାପରେ ଯେତେବେଳେ ଜାଣିଲି ସେଇ ଚାରିଜଣଙ୍କ ନାମ ସମ୍ବାଦ ପତ୍ରର ପ୍ରଥମ ପୃଷ୍ଠାରେ ଜଣେ ଜଣେ କାମାନ୍ଧ ଏବଂ ନିଶାଗ୍ରସ୍ତ ଶିରୋନାମାରେ ଏକ ଦୀର୍ଘ ସମ୍ବାଦ ପ୍ରକାଶ ପାଇଛି, ସେଥିରେ ମୁଁ ନିର୍ବାକ୍ ହୋଇଗଲି।

ସଞ୍ଜ ନଇଁ ନଇଁ ଆସୁଥିଲା। ସହରର ସବୁଠି ଟୁପ୍ ଟାପ୍ ଚର୍ଚ୍ଚା - ମଦ୍ୟପାନ କରି ରାସ୍ତାରେ ଲୋଟୁଥିବା ତିନିଜଣ କଲେଜ ଛାତ୍ର ଏବେ ଜେଲ୍‌ରେ। ସହରରୁ ପ୍ରକାଶିତ ସାନ୍ଧ୍ୟ ସଂସ୍କରଣ ସମ୍ବାଦପତ୍ରରେ ମଦ୍ୟପାନ, ଲୁଣ୍ଠନ ଏବଂ ଯୌନଶୋଷଣର ଚିତ୍ର ଚରିତ୍ର ଥାଇ ପ୍ରକାଶ ପାଇଥିଲା ଏକ ଲମ୍ବା ବାସ୍ତଧର୍ମୀ ଲେଖା। ତାହାକୁ ମୁଁ ଯେତିକି ପଢୁଥିଲି ମୋ ଦେହରେ ସେତିକି କମ୍ପନ ସୃଷ୍ଟି ହେଉଥିଲା। ଭୟରେ! ଅନୁତାପରେ! ପ୍ରତିଶୋଧରେ!!! (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ରବିବାର ସାପ୍ତାହିକ କ୍ରୋଡ଼ପତ୍ର

ସ୍ମୃତିଶତଦଳ



ସିଦ୍ଧାର୍ଥ ଓ ଶିଖା

(ଇତିହାସର ପୁନରାବୃତ୍ତି)

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

କାହା ପରେ କ'ଣ ଘଟିବ, କେଉଁ କାର୍ଯ୍ୟଟି କେତେବେଳେ ସମାହିତ ହେବ ଏବଂ କେମିତି ଭାବରେ ହେବ, ତା'ର ଫଳାଫଳ କ'ଣ ହେବ ସେ ସବୁ କଥା ଠାକୁର ହିଁ ପୂର୍ବାତିପର ସଂଗତି ସହ ଜାଣିଥାନ୍ତି ଏବଂ ତା'ର କିଞ୍ଚିତ ଆଭାସ ଦେଇଥାନ୍ତି । ପ୍ରଭୁ ଖୁବ୍ ସୂକ୍ଷ୍ମ ଭାବରେ ଜଣାଇ ଦେଇଥାନ୍ତି ଯେ, କିଛି ପାଇବାକୁ ହେଲେ ଆଉ କିଛି ହରାଇବାକୁ ପଡିଥାଏ ଏବଂ କିଛି ଜିନିଷ ପାଇଁ ମନ ବୁଝିଗଲେ, ଆଉ କିଛି ଅବୁଝା ହୋଇ ରହିଯାଏ, ଏତେ ଜଟିଳତା ଭରା ଜିନିଷଟିକୁ ମଣିଷ କେବେହେଲେ ଜାଣିପାରେ ନାହିଁ, କେବଳ ସେଇ ଅନ୍ତର୍ଯ୍ୟାମୀ ହିଁ ସବୁ କିଛି ଜାଣନ୍ତି ।

ସିଦ୍ଧାର୍ଥ ଅଳ୍ପ କିଛିଦିନ ମଧ୍ୟରେ ଅଲ୍‌ଇଣ୍ଡିଆ ପି.ଜି.ଏଣ୍ଟ୍ରାନ୍ସରେ ସାରା ଭାରତରେ ପ୍ରଥମ ୧୦୦ ଜଣଙ୍କ ଭିତରେ ରହିଲା ଏବଂ ମୁମ୍ବାଇର ସବୁଠାରୁ ପ୍ରସିଦ୍ଧ ଗ୍ରାଣ୍ଟ୍ ମେଡ଼ିକାଲ୍ କଲେଜରେ ଜେନେରାଲ୍ ସର୍ଜରୀରେ ପି.ଜି. ପାଇଲା । ଗ୍ରାଣ୍ଟ୍ ମେଡ଼ିକାଲ କଲେଜ ହେଉଛି ଦିଲ୍ଲୀର ଏମ୍‌ସ୍ ଓ ପି.ଜି. ଆଇ ଚଣ୍ଡୀଗଡ଼ ଭଳି ଏକ ପ୍ରେଷ୍ଟିଜିଅସ୍ ଇନଷ୍ଟିଚ୍ୟୁଟ୍ । ସେଠାରେ ଖୁବ୍ ଆନ୍ତରିକତାର ସହ କାମ କଲା ସିଦ୍ଧାର୍ଥ । ତାର ପ୍ରାୟ ଏକ ବର୍ଷ ପରେ ଶିଖା ମଧ୍ୟ ଅଲ୍‌ଇଣ୍ଡିଆ ଇନଷ୍ଟିଚ୍ୟୁଟ୍‌ରୁ ପାଶ୍ କରି ମୁମ୍ବାଇ ଆସିଲା ଏବଂ ମୁମ୍ବାଇରେ ପ୍ରସିଦ୍ଧ ଟାଟା ମେମୋରିଆଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଗାଇନି ଅଙ୍କୋଲୋଜିରେ ଜଏନ୍ କରିଥିଲା । 'କ୍ୟାନସର୍ ଓଭାରି' ତା'ର ରିସର୍ଚ୍ଚ ପେପର୍ ଥିଲା, ତେଣୁ ସେ ସ୍ତ୍ରୀରୋଗ ବିଭାଗର କ୍ୟାନସର୍ ବା 'ଓଙ୍କୋଲୋଜି' ସେକ୍‌ସନ୍‌ରେ କାମ କରିବାକୁ ପସନ୍ଦ କରିଥିଲା ।

ପରିବାରର ସମସ୍ତେ ଅଲଗା ଅଲଗା ଜାଗାରେ ଥିବାରୁ, ମାନେ ସିଦ୍ଧାର୍ଥ ମୁମ୍ବାଇ, ଶିଖା ଦିଲ୍ଲୀ, ସୋନାଲି ସେଲମ୍ ଓ ଆମେ କଟକରେ ଥିଲୁ, ତେଣୁ ଆମର ଔରଙ୍ଗାବାଦ କନ୍‌ଫରେନ୍ସ ସମୟରେ କିପରି ଆମେ ସମସ୍ତେ କିଛି ଦିନ ପାଇଁ ଏକାଠି ହୋଇପାରିବୁ ଓ ବୁଲି ପାରିବୁ ସେଇ ପ୍ଲାନ ଆମ ମନ ଭିତରେ ଥିଲା ।

ଆମେ ଦୁହେଁ ଭୁବନେଶ୍ୱରରୁ ମୁମ୍ବାଇରେ ପହଞ୍ଚିବୁ, ଝିଅ ସୋନାଲି ସାଲେମ୍‌ରୁ ଯାଇ ମୁମ୍ବାଇରେ ପହଞ୍ଚିବ ଏବଂ ବୋହୂ ଶିଖା ଦିଲ୍ଲୀରୁ ଯାଇ ମୁମ୍ବାଇରେ ପହଞ୍ଚିବ । ପ୍ରଭୁଙ୍କର ଆଶୀଷରୁ ଆମେ ସମସ୍ତେ ଭଲରେ ଭଲରେ ଠିକ ସମୟରେ ଯାଇ ମୁମ୍ବାଇରେ ପହଞ୍ଚିଲୁ । ଗୋଟିଏ ଦିନ ଏକାଠି ରହି ତା'ପରେ ଆମେ ଔରଙ୍ଗାବାଦରେ ପହଞ୍ଚିଲୁ । ଅହମ୍ମଦାବାଦରୁ ଅଜନ୍ତା, ଏଲୋରା ଗୁମ୍ଫା ଦର୍ଶନ ଏବଂ କିଛି ରମଣୀୟ ସ୍ଥାନ ପରି ଭ୍ରମଣ, ଖୁବ୍ ସୁଖକର ଥିଲା । ଔରଙ୍ଗାବାଦ କନ୍‌ଫରେନ୍ସ ମୋ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ, ସେଥିରେ ମତେ ଏମ୍.ଆଇ.ସି.ଓ.ଜି ଡିଗ୍ରୀ ମିଳିଲା ଏବଂ ମୋତେ ସର୍ବଭାରତୀୟ ସ୍ତରରେ 'ଫାକଲ୍ଟି ସ୍ପିକର' ଭାବରେ ଭାଷଣ ଦେବାର ସୁଯୋଗ ମିଳିଥିଲା । ଏମ୍ ଆଇ.ସିଓଜି ଡିଗ୍ରୀ ଏକ ସମ୍ମାନ ଜନକ ଡିଗ୍ରୀ ଥିଲା । ମୋଟ୍ ଉପରେ ଆମ ପରିବାର ପାଇଁ ଏହା ଏକ ସୁନ୍ଦର ଗେଟ୍‌ଟୁଗେଦର ମଧ୍ୟ ଥିଲା ।

ମେଡ଼ିକାଲ କଲଜରେ ପାଠ ପଢ଼ିଲା ବେଳେ ସିଦ୍ଧାର୍ଥ ଅନେକଗୁଡ଼ିଏ ସୁନ୍ଦର ଇଂରାଜୀ କବିତା ଲେଖିଥିଲା । ଏମିତିକି ସେସବୁକୁ ମିଶାଇ ଏକ ସୁନ୍ଦର ଇଂରାଜୀ ସଂକଳନଟିଏ କରିବା ପାଇଁ ତା'ର ଇଚ୍ଛାଥିଲା । କବିତା ତ' ଏକ ସ୍ୱତଃସ୍ଫୂର୍ତ୍ତ ଆବେଗର ସୂକ୍ଷ୍ମ ଝରଣାଟିଏ । ଏହା ମଧ୍ୟ ଖୁବ୍ ବ୍ୟକ୍ତିଗତ ଓ ଆନ୍ତରିକତାରେ ଛଳଛଳ ହେଉଥିବା ମାନସିକତା, କିନ୍ତୁ ସେ ଇଂରାଜୀ କବିତା ସବୁ ପୁସ୍ତକ ଆକାରରେ ପ୍ରକାଶ ହେବା ଆଗରୁ, ସେ ଆବେଗ ଓ ସ୍ପର୍ଶକାତର ସତ୍ତାଟିକୁ ନିଜ ଡାକ୍ତର ଜୀବନରୁ ଆସ୍ତେ ଆସ୍ତେ ଆଡ଼େଇ ଦେଲା ସିଦ୍ଧାର୍ଥ କାରଣ ସେ ଚାହୁଁଥିଲା ହାର୍ଟ ସର୍ଜରୀରେ ସୁପର ପିଜି କରିବା ପାଇଁ ଏବଂ ଜଟିଳ ହାର୍ଟ ଅପରେସନ କରିବା ପାଇଁ ଏବଂ ତା' ଆଗରେ ହୃତ୍‌ପିଣ୍ଡର ସ୍ପନ୍ଦନକୁ ତଥା ଅଚଳ ହୃତ୍‌ପିଣ୍ଡକୁ ପୁଣି ଥରେ ନୀରୋଗ ଓ ଚଳଚଂଚଳ କରିବାର ଗୁରୁଦାୟିତ୍ୱ ରହିଥିଲା । ସେଠି ଭାବପ୍ରବଣତାର ସ୍ଥାନ ନ ଥିଲା । ତଥାପି ନିଜ ହବି ଓ ସୁନ୍ଦର କବିତା ଲେଖାରେ ସେ ସମୟ ବିତାଇଥାନ୍ତା । କିନ୍ତୁ କଳା ଓ ବିଜ୍ଞାନର ସମ୍ମିଶ୍ରଣ ପାଇଁ ତା' ହାତରେ ଆଉ ସମୟ ନ ଥିଲା ।

ଏହା ଭିତରେ ସିଦ୍ଧାର୍ଥ ଓ ଶିଖାଙ୍କର କୋଳମଣ୍ଡନ କରି ସୁନ୍ଦର ଝିଅଟିଏ ଏ ପୃଥିବୀକୁ ଆସିଲା ଏବଂ ତାକୁ ଏ ମାଟିକୁ ଆଣିବାର ଗୁରୁଦାୟିତ୍ୱ ସେମାନେ ମତେ ହିଁ ଅର୍ପଣ କରିଥିଲେ । ମୁଁ ଶିଖାର ସିଜରିଆନ୍ ଅସ୍ତ୍ରୋପଚାର କରିଥିଲି ଯେମିତିକି ମୋର ମାନସ କନ୍ୟା 'ଆମ୍ରଜା'ର ସଦ୍ୟ ଆମ୍ରପ୍ରକାଶ ହେଲା ରକ୍ତ ମାଂସ ଶରୀରରେ । ଝିଅର ଡାକ ନାଁ ଦେଇଥିଲି 'ଲଭ୍‌ଲି' ଏବଂ ସେମାନେ ତା'ର ଭଲ ନାଁ ଦେଇଥିଲେ 'ଆୟୁଷା' । ଏହା ଭିତରେ ସିଦ୍ଧାର୍ଥ ଗ୍ରାଣ୍ଟ୍ ମେଡିକାଲ କଲେଜରୁ ପି.ଜି. ପାଶ୍‌କଲା ଏବଂ ଶିଖା ମଧ୍ୟ ଏମ୍‌ସ୍ ଦିଲ୍ଲୀରେ ସିନିଅର୍ ରେସିଡେନ୍‌ସି କୋର୍ସ ଜଏନ୍ କଲା ।

କିନ୍ତୁ ସିଦ୍ଧାର୍ଥର କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁଁ, ସେ ପି.ଜି.ଆଇ ଚଣ୍ଡିଗଡ଼ରେ ହାର୍ଟ ସର୍ଜରୀରେ ଏମ୍.ସି.ଏଚ୍ କୋର୍ସରେ ସିଟ୍ ପାଇଲା ଏବଂ ଶିଖା ମଧ୍ୟ ଆସି ଚଣ୍ଡୀଗଡ଼ରେ ସିନିଅର୍ ରେସିଡେନ୍‌ସିରେ ଜଏନ୍ କଲା । ଆମେ ଯେମିତି ପଚିଶ ବର୍ଷ ତଳକୁ ଚାଲିଗଲୁ । ପୁଣି ଥରେ "ହିଷ୍ଟ୍ରୀ ରିପିଟ୍‌ସ୍ ଇଟ୍‌ସେଲଫ୍" ବା' ଇତିହାସର ପୁନରାବୃତ୍ତି ହେଲା । ପଚିଶବର୍ଷ ପୂର୍ବରୁ ସେଇ ପି.ଜି. ଆଇ ଚଣ୍ଡୀଗଡ଼ରେ ରାମାରମଣ ହାର୍ଟ ସର୍ଜରୀରେ ସୁପର୍ ପି.ଜି. ବା ଏମ୍.ସି.ଏଚ୍ କରୁଥିଲେ ଏବଂ ମୁଁ ମଧ୍ୟ ପି.ଜି. ଆଇ. ଚଣ୍ଡୀଗଡ଼ରେ ଗାଇନୋଲୋଜିରେ ପି.ଜି. କରୁଥିଲି ଏବଂ ପଚିଶ ବର୍ଷ ପରେ ପୁଅ ଡଃ ସିଦ୍ଧାର୍ଥ ଓ ବୋହୂ ଡଃ ଶିଖା ମଧ୍ୟ ସେଇ ଚଣ୍ଡିଗଡ଼ରେ ଏବଂ ସେଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ସୁପର ପି.ଜି. କଲେ ।

ସିଦ୍ଧାର୍ଥ ଚଣ୍ଡିଗଡ଼ରେ ପି.ଜି. କଲାବେଳେ ଆମେ ମଧ୍ୟ ଦୁଇ ତିନିଥର ସେଠିକି ଯାଇଥିଲୁ । ପୁଣି ଥରେ ସେ ପୁରୁଣା ସ୍ଥାନ ଏବଂ ଅତୀତର ସ୍ମୃତି ଉଜ୍ଜୀବିତ ହୋଇଉଠିଥିଲା । ଆମେ ପି.ଜି.ଆଇ ଭିତର ବୁଲି ଦେଖିଲୁ । ସବୁ ଜିନିଷ ବଦଳି ଯାଇଥିଲା । ମୁଁ ଗାଇନିକ୍ ଡିପାର୍ଟମେଣ୍ଟ ଗଲି ଏବଂ ଦେଖିଲି ମୋର କେତେଜଣ ସାଙ୍ଗ ମଧ୍ୟ ସେଠି ଫ୍ୟାକଲ୍ଟି ଅଛନ୍ତି । 'ଆମ୍ରଜା' ର ହିନ୍ଦୀ ଏବଂ ଇଂରାଜୀ କବିତା ଆଉଟ୍‌ଡୋରରେ ଟାଙ୍ଗି ଦେଇଥିଲି । ପୁଅ ବୋହୂ ଆମକୁ 'ସୁଖନା ଲେକ୍' ରକ୍ ଗାର୍ଡ଼େନ୍, ରୋଜ ଗାର୍ଡ଼େନ୍

୨୪ ଘଂଟାରେ ସୁସ୍ଥ ହେଲେ ୩୪୬୪

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜ୍ୟରେ ଆଉ ୩୪୬୪ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ମୋଟ ସୁସ୍ଥ ସଂଖ୍ୟା ୩୫୯୪୬୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟ୍ୱିଟ୍ ଏହି ସୂଚନା ଦେଇଛି । ଆଜି ରାଜ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୬୨୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସେହିପରି ଖୋର୍ଦ୍ଧାରୁ ୪୪୧, ନୂଆପଡ଼ାରୁ ୩୩୯, କଳାହାଣ୍ଡିରୁ ୨୫୯, କଟକରୁ ୨୦୯, ନବରଙ୍ଗପୁରରୁ ୧୭୨, ସମ୍ବଲପୁରରୁ ୧୫୧, ବରଗଡ଼ରୁ ୧୩୭, ବଲାଙ୍ଗିରରୁ ୧୩୨, କେନ୍ଦୁଝରରୁ ୧୩୧, ପୁରୀରୁ ୧୧୪ ଓ ଝାରସୁଗୁଡ଼ାରୁ ୧୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି । ମୟୂରଭଞ୍ଜରୁ ୭୧, ବାଲେଶ୍ୱରରୁ ୬୬, ଗଞ୍ଜାମରୁ ୫୬, ଅନୁଗୋଳରୁ ୪୪, ଯାଜପୁରରୁ ୪୩, ରାୟଗଡ଼ାରୁ ୩୭, ଭଦ୍ରକରୁ ୩୩, ଗଜପତିରୁ ୩୩, ଜଗତସିଂହପୁରରୁ ୨୩, ଢେଙ୍କାନାଳରୁ ୨୧, ନୟାଗଡ଼ରୁ ୨୧, ସୋନପୁରରୁ ୧୯, କନ୍ଧମାଳରୁ ୧୬, ଦେବଗଡ଼ରୁ ୧୫, ମାଲକାନଗିରିରୁ ୧୫, ବୌଦ୍ଧରୁ ୧୩, କୋରାପୁଟରୁ ୧୩, କେନ୍ଦ୍ରାପଡ଼ାରୁ ୧୧ ଓ ଷ୍ଟେଟ୍ ପୁଲ୍ ରୁ ୯୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ବର୍ତ୍ତମାନ ସୁଦ୍ଧା ୫୫ଲକ୍ଷ ୫୦ହଜାର ୩୮୦ଡୋଜ ଦିଆଯାଇଛି

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜ୍ୟରେ ବର୍ତମାନ ସୁଦ୍ଧା ୫୫ ଲକ୍ଷ ୫୦ ହଜାର ୩୮୦ ଡୋଜ ଟିକା ଦିଆଯାଇସାରିଥିବା ନେଇ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ଅଗ୍ରାଧିକାର ଭିତିରେ ପଶ୍ଚିମ ଓଡ଼ିଶାକୁ କରୋନା ଟିକା ଦିଆଯାଉଥିବା ସେ କହିଛନ୍ତି । ସେ କହିଛନ୍ତି ଯେ, ସଟଡାଉନ ଯୋଗୁଁ ଶନିବାର ଓ ରବିବାର ଟିକାକରଣ ବନ୍ଦ ରହିଛି । ଟିକାକରଣ କେନ୍ଦ୍ରକୁ ଏହି ସମୟରେ ସାନିଟାଇଜ କରାଯିବା ସହ ସୋମବାରରୁ ଶୁକ୍ରବାର ଅନବରତ ଭାବେ ଟିକାକରଣ ଚାଲିବ । ଉଭୟ ଟିକା ନିରାପଦ ଓ ଫଳପ୍ରଦ ବୋଲି କହିବା ସହ ସମସ୍ତେ ଟିକା ନେବା ଉଚିତ । ଦୁଇଟି ଡୋଜ ନେବା ପରେ ହିଁ ସଂକ୍ରମଣରୁ ରକ୍ଷା ମିଳିପାରିବ । ପ୍ରଥମ ଡୋଜ ଏତେ ଫଳପ୍ରଦ ନୁହେଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ୧ଲକ୍ଷ କୋଭିସିଲ୍ଡ ଟିକା ମହଜୁଦ ଥିବା ବେଳେ ଆଜି ୧ ଲକ୍ଷ ଡୋଜ ଆସିବ । ତେବେ ଟିକା ଅଭାବରୁ ଅଧିକାଂଶ ଟିକାକରଣ କେନ୍ଦ୍ର ବନ୍ଦ ରହିଥିବା କଥା ମଧ୍ୟ କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ । ଟିକାର ଅଭାବ ରହିଥିବାରୁ ଟିକାକରଣ କେନ୍ଦ୍ରକୁ ବନ୍ଦ କରାଯାଇଛି ।

ଚିହ୍ନଟ ହେଲେ ଆଉ ୪୧ କରୋନା ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ,୨୪/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଉ ୪୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସମୟ ମଧ୍ୟରେ ୨୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ତେବେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇ ଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାରୁ ୩ ଲକ୍ଷ ୩୭ହଜାର୧୨ଜଣଙ୍କ ନମୁ ନା ପରୀକ୍ଷା ପରେ ଏ ପର୍ଯ୍ୟନ୍ତ ମୋଟ ୮୩୦୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ପୁଣି ସେମାନଙ୍କ ମଧ୍ୟରୁ ୭୭୨୭ଜଣ ସୁସ୍ଥ ହୋଇ ସାରିଛନ୍ତି । ମୋଟ ମୃତ୍ୟୁ ଘଟିଛି ୨୭ଜଣଙ୍କର । ମୋଟ ୫୫୨ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି । ଗତକାଲି ଜଣେ ୩୮ବର୍ଷୀୟ ଯୁବକଙ୍କର କରୋନାରେ ମୃତ୍ୟୁ ହୋଇ ଯାଇଛି । ଯେଉଁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନେ ହେଲେ ଭଦ୍ରକ ବ୍ଲକର ସାବରଙ୍ଗର ଜଣେ ସମ୍ ହସ୍ପିଟାଲରୁ, ଭଦ୍ରକ ପୌରପାଳିକା ୬ ନଂ ୱାର୍ଡ ବାଇପାସରୁ ଜଣେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲରୁ ଚିହ୍ନଟ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର କ୍ଷେମପୁର ଗ୍ରାମରୁ ଜଣେ, ନୂଆଗାଁ ଗ୍ରାମରୁ ଜଣେ, ଉରୁଣିଆ ଗ୍ରାମରୁ ଜଣେ, ବାସୁଦେବପୁର ପୌରପାଳିକାର ୧୦ନଂ ୱାର୍ଡରୁ ଜଣେ, ଭଦ୍ରକ ବ୍ଲକର ଚରମ୍ପାରୁ ଜଣେ, ଏରଡାରୁ ଜଣେ, କୁନ୍ତଳା ଗ୍ରାମରୁ ଜଣେ, ବାରିକପୁରରୁ ୨ଜଣ, ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁରରୁ ୨ଜଣ, ୧୪ ନଂ ୱାର୍ଡ ସନ୍ତିଆରୁ ଜଣେ,୧୫ ନଂ ୱାର୍ଡ ପାଟଣାସାହିରୁ ଜଣେ, ୩୦ନଂ ୱାର୍ଡ ଉତ୍ତରବାହିନୀରୁ ଜଣେ, ୬ ନଂ ୱାର୍ଡ ଗୋପବନ୍ଧୁନଗରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ଧାମନଗର ବ୍ଲକ ସୋଧ ଗ୍ରାମରୁ ଜଣେ, କୋଠାର ଗ୍ରାମରୁ ଜଣେ, ହାତିଆପଡ଼ାରୁ ୨ଜଣ,ସୂର୍ଯ୍ୟପୁରରୁ ଜଣେ ଚିହ୍ନଟ ହୋଇଛନ୍ତି । ବନ୍ତ ବ୍ଲକ ବରହମପୁରରୁ ଜଣେ, ବଡ଼ବର୍ଜିକୟାଁ ଗ୍ରାମରୁ ଜଣେ, ଅଣିଜୋ ଗ୍ରାମରୁ ଜଣେ,ଗଣ୍ଡଗରା ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ସାଆନ୍ତ ଗ୍ରାମରୁ ଜଣେ, ବାଲିଗାଁ ଗ୍ରାମରୁ ଜଣେ, ମଧୁପୁର ଗ୍ରାମରୁ ଜଣେ, କୁଞ୍ଜକଳିକା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ତିହିଡି ବ୍ଲକ ନଛିବନ୍ଧା ଗ୍ରାମରୁ ଜଣେ, ଅନ୍ୟ ଜିଲ୍ଲା ଭାବେ କେନ୍ଦ୍ରାପଡା ଜିଲ୍ଲା ରାଜକନିକାରୁ ଜଣେ ଓ ବାଲେଶ୍ୱର ଜିଲ୍ଲା ଖଇରାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

କୋଭିଡ ଯୋଦ୍ଧାଙ୍କ ମୃତ୍ୟୁରେ ବାରିପଦା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାରିପଦା,୨୪/୦୪ (ନି.ପ୍ର): କୋଭିଡ ଯୋଦ୍ଧା ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବାରିପଦାର ରିଜର୍ଭ ପୋଲିସ କନଷ୍ଟେବଳ ବିରାମ ସରେନଙ୍କ କୋଭିଡରେ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି । ସେ ଜାମଦା ଥାନାରେ ଡ୍ୟୁଟି କରୁଥିବା ସମୟରେ ୮/୧୦ ଦିନ ତଳେ କୋଭିଡ ଆକ୍ରାନ୍ତ ହୋଇ ଗୁରୁତର ହେବାରୁ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ । ବାରିପଦା ପୋଲିସ ପକ୍ଷରୁ ତାଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଥିବା ବେଳେ, ସ୍ୱତନ୍ତ୍ର ଗାଡି ଯୋଗେ ତାଙ୍କ ମର ଶରୀରକୁ ବାରିପଦା ଅଣାଯାଇଛି । ସ୍ୱର୍ଗତ ସରେନଙ୍କ କୋଭିଡରେ ମୃତ୍ୟୁ ପରେ ବାରିପଦାର ରିଜର୍ଭ ପୋଲିସ ପଡ଼ିଆରେ ମୟୂରଭଞ୍ଜ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାରଙ୍କ ସମେତ ଅତିରିକ୍ତ ଏସପି ଅଙ୍କୁର ମଲ୍ଲିକ, ଡ଼ିଏସପି ପ୍ରଭାସ ପାଲ, ଡ଼ିଏସପି ସବିତା ମାଝୀ, ଏସଡିପିଓ କେ.କେ ହରିପ୍ରସାଦ, ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଏବଂ ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ବରିଷ୍ଠ ପୋଲିସ କର୍ମଚାରୀ ଏବଂ ବିରାମଙ୍କ ପରିବାର ବର୍ଗ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଗ୍ରାମପଂଚାୟତର ସଶକ୍ତିକରଣ ଉପରେ ବିଜୁବାବୁ ପ୍ରାଧାନ୍ୟ ଦେଉଥିଲେ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଓ ଗ୍ରାମପଂଚାୟତର ସଶକ୍ତିକରଣ ଉପରେ ବିଜୁବାବୁ ସବୁବେଳେ ପ୍ରାଧାନ୍ୟ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜାତୀୟ ପଂଚାୟତିରାଜ ଦିବସ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରତି ଗ୍ରାମପଂଚାୟତ ନିଜର ଉଦାହରଣାତ୍ମକ କାର୍ଯ୍ୟ ଜାରି ରଖିବା ସହ କୋଭିଡ୍ ରୁ ସୁରକ୍ଷିତ ହେବା ପାଇଁ ସତର୍କ ରହିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ଅଭିନବ ଉପାୟରେ ଚୋରି : ଗାଡ଼ିକାଚ ଭାଙ୍ଗି ୧୫ହଜାର ଲୁଟ : ଜଣେ ଗିରଫ

ଧାମନଗର,୨୪/୦୪ (ନି.ପ୍ର): ଗତ ଶୁକ୍ରବାର ମଧ୍ୟରାତ୍ରରେ ଧାମନଗର ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ଅଶୋକ କୁମାର ଦାସଙ୍କ ଘର ସମ୍ମୁଖ ଗ୍ୟାରେଜରେ ଥିବା କାର କାଚ ଭାଙ୍ଗି କେତେକ ଦୁର୍ବୃତ୍ତ ୧୫ହଜାର ଟଙ୍କା ଚୋରିକରି ଫେରାର ହୋଇଯାଇଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଜଣେ ଦୁର୍ବୃତ୍ତ ଧରାପଡ଼ିଥିବାବେଳେ ପୋଲିସକୁ ଜିମା ଦିଆଯାଇଥିବା ଜଣାଯାଇଛି । ଧାମନଗର ଥାନାରେ ଦିଆଯାଇଥିବା ଏତଲାରୁ ଜଣାଯାଇଛି ଯେ ୨୩ତାରିଖ ରାତି ପ୍ରାୟ ୨ଟା ସମୟରେ ଅଶୋକ ଦାସଙ୍କ ଗ୍ୟାରେଜରେ ଥିବା ଓଡ଼ି ୨୨ ଜେ ୬୦୮୯ ନମ୍ବର କାରର କାଚକୁ ଭାଙ୍ଗୁଥିବା ସମୟରେ ଶବ୍ଦ ହେବାରୁ ଶ୍ରୀ ଦାସ ଝରକା ଖୋଲି ଏହି ଘଟଣା ଦେଖୁଥିଲେ । ତୁରନ୍ତ ଶ୍ରୀ ଦାସ ଏବଂ ତାଙ୍କର ଦୁଇ ପୁଅ ଉଠି ସେମାନଙ୍କୁ ଧରିବାପାଇଁ ଗାଁ ଲୋକଙ୍କୁ ଚିତ୍କାର କରି ଡ଼ାକିଥିଲେ । ପାଟି ଶୁଣି ଗାଁ ଲୋକମାନେ ଉଠିବାରୁ ଦୁର୍ବୃତ୍ତ ମାନେ ଦୌଡ଼ି ପଳାଇବା ସମୟରେ ସେମାନଙ୍କ ମଧ୍ୟରୁ ଜଣକୁ ଧରିବାପାଇଁ ପରିବାର ଲୋକେ ସକ୍ଷମ ହୋଇଥିଲେ । କରଦା ଗ୍ରାମର ଚନ୍ଦନ କର ନାମକ ଜଣେ ଯୁବକ ଧରାପଡ଼ିଥିବା ବେଳେ ସେ ଅଶୋକ ଦାସଙ୍କୁ ଆକ୍ରମଣ କରି ଖସିଯିବାପାଇଁ ଚେଷ୍ଟା କରିଥିଲା । ମାତ୍ର ଶ୍ରୀ ଦାସଙ୍କ ଦୁଇପୁଅ ତାକୁ ଧରି ଧାମନଗର ଥାନାକୁ ଖବର ଦେଇଥିଲେ । ଥାନାଅଧିକାରୀ ରତିକାନ୍ତ ଗିରିଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ଥାନା କର୍ମଚାରୀ କରଦା ଗ୍ରାମରୁ ଚନ୍ଦନକୁ ଥାନାକୁ ଆଣି ତଦନ୍ତ କରୁଥିବା ଜଣାଯାଇଛି । ଧରାପଡ଼ିଥିବା ଚନ୍ଦନ କରଙ୍କ କହିବା ଅନୁସାରେ ଫେରାର ହୋଇଥିବା ଯୁବକମାନେ କରଦା ଗ୍ରାମର ଦୀପକ ଜେନା, ପିଣ୍ଟୁ ଜେନା, ଶଙ୍କର୍ଷଣ ଦାସ, ବାଘୁଆରି ଗ୍ରାମର ଧୁଡୁ ମହାନ୍ତି ଓ କୋଳେଇପଦା ଗ୍ରାମର ହୁଦି ସାହୁ ପ୍ରମୁଖ ଏହି ଘଟଣାରେ ସାମିଲଥିଲେ ବୋଲି ଶ୍ରୀଦାସ ତାଙ୍କ ଏତଲାରେ ଦର୍ଶାଇଛନ୍ତି । ସେମାନେ ଗାଡ଼ି କାଚଭାଙ୍ଗି ଗାଡ଼ିରେ ଥିବା ୧୫ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି ।

ବାର୍ଡ କ୍ଲବ ପକ୍ଷରୁ ବାଇଚଟିଆ ଏବଂ ପକ୍ଷୀଙ୍କ ପାଇଁ ଜଳଦାନ

ବାରିପଦା/ କରଞ୍ଜିଆ,୨୪/୦୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହରେ ପଶୁପକ୍ଷୀ, ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ମନୁଷ୍ୟ ସମସ୍ତେ ଜର୍ଜରିତ । ସବୁଆଡେ ପାଣି ପାଇଁ ହାହାକାର । ବଂଚିବା ପାଇଁ ଜଳ ନିତ୍ୟାନ୍ତ ଆବଶ୍ୟକ । ତେବେ ମନୁଷ୍ୟ ଓ ଜୀବଜନ୍ତୁ ପାଇଁ ସରକାରଙ୍କ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଉଡ଼ନ୍ତା ପକ୍ଷୀ ମାନଙ୍କ ପିଇବା ପାଣିର କଷ୍ଟକୁ ଅନୁଭବ କରିଛନ୍ତି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଛାତ୍ର ଛାତ୍ରୀ ଓ କାର୍ଯ୍ୟକ୍ରମ ଅଧିକାରୀ ମାନେ ବାର୍ଡ କ୍ଲବ ପକ୍ଷରୁ ଏନେଇ ସ୍ୱତନ୍ତ୍ର କାର୍ଯ୍ୟ କରୁଥିବାର ଦେଖାଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଭାଗିରଥି ପୁଷ୍ଟିଙ୍କ ପ୍ରେରଣାରେ ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଦେବେଶ ଶଙ୍କର ହତା ଓ ସମରେନ୍ଦ୍ର ଦାସଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବାଧାନରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅବିନାଶ ସାହୁ, ଶୁଭ୍ରକାନ୍ତ ମିଶ୍ର, ଦିଲ୍ଲୀପ ବେହେରା, ଅଭିଷେକ ବେହେରା, ପ୍ରତୀକ ରାମ ପ୍ରଭୃତି ଏକତ୍ରିତ ହୋଇ ନିର୍ଲୁପ୍ତ ପ୍ରାୟ ବାଇ ଚଢେଇ ଏବଂ ବିଭିନ୍ନ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ମହାବିଦ୍ୟାଳୟର ପ୍ରାଙ୍ଗଣରେ ଦଉଡ଼ିରେ ମାଠିଆକୁ ବାନ୍ଧି ସେଥିରେ ଜଳ ଦେଇ ଗଛର ବିଭିନ୍ନ ଉଚ୍ଚ ସ୍ଥାନରେ ବାନ୍ଧିଥିଲେ । ଏହି ସବୁ ଜଳ ପାତ୍ର ଟଙ୍ଗା ଯାଇ ଜଳ ଯୋଗାଣ ଜାରି ରହିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଜଣାଇଛନ୍ତି । ଯଦ୍ୱାରା ପକ୍ଷୀମାନଙ୍କ ପାଇଁ ପିଇବା ଜଳର ଆବଶ୍ୟକତା ପୂରଣ ହୋଇପାରିବ ଏବଂ ଜଳାଭାବରୁ ବିଲୁପ୍ତ ପ୍ରାୟ ବାଇ ଚଢେଇଙ୍କ ମୃତ୍ୟୁ କୁ ରୋକାଯାଇ ପାରିବ ବୋଲି କୁହାଯାଇଛି । ଏଭଳି କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟରେ 'ବାର୍ଡ କ୍ଲୋବ'ର ଗଠନ କରାଯାଇଥିବା ବେଳେ ବିଭିନ୍ନ ସମୟରେ ଏହି କ୍ଲବ ମାଧ୍ୟମରେ ପକ୍ଷୀ ମାନଙ୍କର ଯତ୍ନ ନିଆଯାଇଥାଏ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମାଧ୍ୟମରେ ବିଭିନ୍ନ ସମୟରେ ମହାବିଦ୍ୟାଳୟ ପ୍ରାଙ୍ଗଣ ସହିତ ପୋଷ୍ୟ ଗ୍ରାମରେ ବର୍ଷ ତମାମ ଅନେକ ସେବା ମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଲୋକଙ୍କୁ ସଚେତନତା କରାଯିବା କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଏପରି ଅଭିନବ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏହି ମହତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସତ୍ୟନାରାୟଣ ଦାସ, ମନୋଜ କୁମାର ସାହୁ, ଡ଼ଃ ଅବନୀ କାନ୍ତ ଦାସ, ଅଧ୍ୟାପକ କେଦାର ନାଥ ବୁଡ଼ା, ଶେଖ୍ ମନସୁର୍ ମୁଣ୍ଡା ପ୍ରମୁଖ ସହଯୋଗ କରୁଥିବା ଜଣାଯାଇଛି ।

ସଚେତନତା ଅଭାବରୁ ବାଲିଆପାଳରେ କରୋନାସ୍ଥିତି ଅଣାୟତ୍ତ : ହେଉନାହିଁ ସଙ୍ଗରୋଧ କେନ୍ଦ୍ର

ବାଲିଆପାଳ,୨୪/୦୪ (ନି.ପ୍ର): ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ଏବେ କରୋନାସ୍ଥିତି ଅଣାୟତ ହେଉଛି । ସଚେତନତା ଅଭାବ ଓ ପ୍ରଶାସନର କୋହଳ ମନଭାବ ଯୋଗୁଁ ସ୍ଥିତି ବିଗୁଡିଥିବା କୁହାଯାଇଛି । ଆଜି ବାଲିଆପାଳ ବ୍ଲକରେ ଦେଉଳାପଂଚାୟତରୁ ୨, ବାଲିଆପାଳ ପଂଚାୟତରୁ ୨, ମଧୁପୁରା ପଂଚାୟତରୁ ୩, ଅସ୍ତି ପଂଚାୟତରୁ ୩, ଜଗତୀପୁର ପଂଚାୟତରୁ ୧, ବଳରାମପୁର ପଂଚାୟତରୁ ୨ ଏହି ପରି ମୋଟ ୧୧ ଜଣଙ୍କୁ ପଜିଟିଭ ବାହାରିଥିବା ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରପକ୍ଷରୁ ସୂଚନା ମିଳିଛି । ପୂର୍ବରୁ ଏହି ବ୍ଲକରେ ୮୫ ଜଣଙ୍କଠୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ବାଲିଆପାଳ ବ୍ଲକର ସିମୁଳିଆ ଦୈନିକ ମାର୍କେଟ, ନିଖିରା ମାର୍କେଟ, ଲଙ୍ଗଳେଶ୍ୱର ମାର୍କେଟ, ମାନ୍ଧାତା ବଜାର, ରତାଇ ହାଟ, ନୂଆଗାଁ ହାଟ, ସପ୍ତାହିକ ହାଟ ପ୍ରବଳ ଗହଳୀ ହେଉଛି । ପ୍ରଶାସନ ତରଫରୁ ସେମିତି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅଧିକାଂଶ ମାସ୍କ ଓ ସାମଜିକ ଦୂରତା ଆଦୌ ମାନୁନାହାନ୍ତି କହିଲେ ଚଳେ । ଫଳରେ କରୋନା ମହାମାରୀ ତୀବ୍ର ବେଗରେ ମାଡୁଛି । ତାହା ଛଡା ବାହାଘର, ବ୍ରତଘର, ଶବଦାହ, ଯାନିଯାତ୍ରା ପାଇଁ ସରକାର ଯେଉଁ ନିର୍ଦ୍ଦେଶାନାମା ଜାରି କରିଛନ୍ତି ତାହା ପ୍ରହଶନରେ ପରିଣତ ହେଉଛି । ବାହାଘର ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୌଣସି ଅଙ୍କୁଶ ନାହିଁ । ବାଲିଆପାଳ ତହସିଲ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା କେବଳ ନାମକୁ ମାତ୍ର ପ୍ରଚାର କରାଯାଇ ପ୍ରଶାସନ ଦର୍ଶକ ସାଜିଛି । ଯଦି ଏପରି ପରିସ୍ଥିତି ଲାଗି ରହେ ବାଲିଆପାଳରେ ପରିସ୍ଥିତି ଭୟାବହ ହେବ ବୋଲି ଆକଳନ କରାଯାଉଛି । ଯେଉଁ ପ୍ରବାସୀମାନେ ଆସୁଛନ୍ତି ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସଙ୍ଗରୋଧ କେନ୍ଦ୍ରରେ ରହିବାର ବ୍ୟବସ୍ଥା ଆଜି ଯାଏ ହୋଇ ନାହିଁ । ଘରୋଇ ସଙ୍ଗରୋଧ କେନ୍ଦ୍ରରେ ଯେଉଁମାନେ ରହୁଛନ୍ତି । ସେମାନେ ଲଗାମ ଛଡା ଭାବରେ ପରିବାର ସଦସ୍ୟଙ୍କ ସହ ମିଶିବା ସହିତ ହାଟ ବଜାରରେ ଖୋଲମ ଖୋଲା ବୁଲୁଛନ୍ତି । ପ୍ରଶାସନ ତରଫରୁ ସମସ୍ତ କୋଭିଡ ଗାଇଡଲାଇନ ଏହି ବ୍ଲକରେ କଡାକଡି ଭାବେ କାର୍ଯ୍ୟକରିବାକୁ ସାଧାରଣରେ ଦୃଢ ଦାବି ହେଉଛି । ଏ ବାବଦରେ ବାଲିଆପାଳ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ କହିଛନ୍ତି ବାଲିଆପାଳ ବ୍ଲକରେଉବର୍ତମାନ ସୁଧା କୌଣସି ସଙ୍ଗରୋଧ କେନ୍ଦ୍ର ହୋଇନାହିଁ ଏବଂ ସରକାରୀ ଭାବେ କୌଣସି ପ୍ରବାସୀ ବାଲିଆପାଳକୁ ଆସି ନାହାନ୍ତି । ଅନ୍ୟ ପକ୍ଷରେ ବାହାରୁ ରାଜ୍ୟରୁ ବାଲିଆପାଳ ବ୍ଲକକୁ ଶହ ଶହ ପ୍ରବାସୀ ଫେରିଆସିଥିବାର ଦେଖିବାକୁ ମିଳିଛି । ସେହିପରି କଟକଣା ଉଲଂଘନ ବାବଦରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ କହିଛନ୍ତି ଯେ ଯେଉଁ ଜାଗାରେ କଟକଣା ଉଲଂଘନ ହେବାର ଖବର ଆମ୍ଭେ ପାଉଛୁ ତତ୍‌କ୍ଷଣାତ ସେହି ସ୍ଥାନକୁ ଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନେଉଛୁ । ତେବେ ଆମକୁ କଟକଣା ଉଂଲଘନ ବାବଦରେ ଯେତେ ଅଧିକ ସୂଚନା ମିଳିବ ଆମେ ସେତିକି ମାତ୍ରାରେ ଅଧିକ ତତ୍ପର ହେବୁ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରାଜ୍ୟର ସବୁ ସହରରେ....

ତେବେ ତୋଳା ଯାଇଥିବା ପନିପରିବା କ'ଣ ହେବ ସେଇ ଚିନ୍ତାରେ ଚାଷୀ । ରାୟଗଡା ସଟଡାଉନ – ରାୟଗଡା ମୁନିସିପାଲିଟି ସମେତ ଗୁଣୁପୁର ଓ ଗୁଡାରି ତିନୋଟି ସହରାଂଚଳକୁ ସରକାରୀ ସ୍ତରରେ ସଟଡାଉନ ଘୋଷଣା କରାଯାଇଥିବା ବେଳେ ମୁନିଗୁଡା,ଜେକେପୁର ଓ ବିସମକଟକ ସହରାଂଚଳ ହୋଇନଥିଲେ ମଧ୍ୟ ଏହି ତିନୋଟି ସହରକୁ ଜିଲ୍ଲାପାଳ ସପ୍ତାହନ୍ତ ସଟ

ବାଲେଶ୍ୱର, ରବିବାର, ୨୫ ଅପ୍ରେଲ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ବିଶେଷ ଟ୍ରେନ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଭିଲୁପୁରମ ପୁରୁଲିଆ ଓ ଖଡ଼ଗପୁର ମଧ୍ୟରେ ଚଳାଚଳ କରିବାକୁ ଥିବା ବିଶେଷ ଟ୍ରେନ ନିର୍ଦ୍ଧାରିତ ସମୟ ପୂର୍ବରୁ ଚଳାଚଳ କରିବ । ନିମ୍ନଲିଖିତ ଅନୁଯାୟୀ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଦୁଇଯୋଡ଼ା ଦୂରଗାମୀ ବିଶେଷ ଟ୍ରେନ ବାଙ୍ଗାଲୋର ଠାରୁ ଉତର ପୂର୍ବାଂଚଳ ରାଜ୍ୟକୁ ଚଳାଚଳ କରାଇବାକୁ ରେଳବାଇ ନିଷ୍ପତି ନେଇଛି । ଅଗରତାଳା-ବଙ୍ଗାଲୋର କ୍ୟାଂଟ-ଅଗରତାଳା ଦ୍ୱି-ସାପ୍ତାହିକ ବିଶେଷ ଟ୍ରେନ - ୦୨୫୧୬/୦୨୫୧୫ ଅଗରତାଳା-ବାଙ୍ଗାଲୋର କ୍ୟାଂଟ-ଅଗରତାଳା ବିଶେଷ ଟ୍ରେନ ୨୪,ପ୍ରିଲ ଠାରୁ ୧୧ ମଇ ମଧ୍ୟରେ ଅଗରତାଳା ଠାରୁ ପ୍ରତ୍ୟେକ ମଙ୍ଗଳବାର ଏବଂ ଶନିବାର ସକାଳ ୫ ଘ. ୩୫ ମି. ରେ ଛାଡ଼ିବ ଏବଂ ବାଙ୍ଗାଲୋର କ୍ୟାଂଟରୁ ୨୭ ଏପ୍ରିଲରୁ ୧୪ମଇ ୨୦୨୧ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଏବଂ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ ଘ. ୧୫ମି.ରେ ଛାଡ଼ିବ । ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ସାପ୍ତାହିକ ବିଶେଷ ଟ୍ରେନ - ୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ସାପ୍ତାହିକ ବିଶେଷ ଟ୍ରେନ ଯଶୋବନ୍ତପୁରରୁ ୨୩ ଏପ୍ରିଲରୁ ୨୫ ଜୁନ୍ ମଧ୍ୟରେ ପ୍ରତି ଶୁକ୍ରବାର ରାତ୍ରି ୧୦ ଘ. ୪୦ ମି.ରେ ଛାଡ଼ିବ ଏବଂ ଗୌହାଟି ଠାରୁ ୨୬ ଏପ୍ରିଲରୁ ୨୮ ଜୁନ୍, ୨୦୨୧ ମଧ୍ୟରେ ପ୍ରତି ସୋମବାର ସନ୍ଧ୍ୟା ୭ଘ.୩୫ମି.ରେ ଛାଡ଼ିବ । ଭିଲୁପୁରମ୍ ପୁରୁଲିଆ ଓ ଖଡ଼ଗପୁର ମଧ୍ୟରେ ଚଳାଚଳ କରିବାକୁ ଥିବା ବିଶେଷ ଟ୍ରେନ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଚଳାଚଳ କରିବ । ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳବାଇ ପୂର୍ବରୁ ସୂଚିତ ତାରିଖଠାରୁ ଭିଲୁପୁରମ୍-ପୁରୁଲିଆ-ଭିଲୁପୁରମ୍ ସ୍ପେଶାଲ ଏବଂ ଭିଲୁପୁରମ୍-ଖଡ଼ଗପୁର-ଭିଲୁପୁରମ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତି ନେଇଛି । ଭିଲୁପୁରମ୍-ପୁରୁଲିଆ-ଭିଲୁପୁରମ୍ ଦ୍ୱି-ସପ୍ତାହିକ ସ୍ୱତନ୍ତ୍ର ସୁପର ଫାଷ୍ଟ - ୦୬୧୭୦/୦୬୧୬୯ ଭିଲୁପୁରମ୍-ପୁରୁଲିଆ-ଭିଲୁପୁରମ୍ ସ୍ପେଶାଲ ୨୧ ଏପ୍ରିଲ, ୨୦୨୧ ଠାରୁ ଭିଲୁପରମରୁ ପ୍ରତ୍ୟେକ ବୁଧବାର ଏବଂ ଶନିବାର ଅପରାହ୍ନ ୧୨ଘ. ୦୫ମି.ରେ ଛାଡ଼ଇବ ଏବଂ ୨୩ ଏପ୍ରିଲ ୨୦୨୧ ଠାରୁ ପୁରୁଲିଆରୁ ପ୍ରତ୍ୟେକ ଶୁକ୍ରବାର ଏବଂ ସୋମବାର ପୂର୍ବାହ୍ନ ୧୦ ଘଟିକାରେ ଛାଡ଼ି ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ, ୬୬୯ ବାହନ ଜବତ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୦୪,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନି ମୃତ

ବାରିପଦା,୨୪/୦୪ (ନି.ପ୍ର): ବେପାରୁଆ ଗାଡି ଚାଳନା, ବିନା ହେଲମେଂଟ ଓ ସରକାରଙ୍କ ନିୟମ ଖିଲାପ ପାଇଁ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ବାରିପଦା ସହର ଦେଇ ଯାଇଥିବା ୧୮ନଂ ଜାତୀୟ ରାଜପଥର ମୂର୍ଗାବାଡ଼ି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟିଥିବାର ଜଣାଯାଇଛି । ଗୋଟିଏ ମୋଟର ସାଇକେଲରେ ୩ଜଣ ଯାଉଥିବା ବେଳେ ପଛପଟୁ ଗୋଟେ ବାଲି ବୋଝେଇ ମିନି ଟ୍ରକ-୪୦୭ ପିଟି ଦେବା ଫଳରେ ଘଟଣା ସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ସହିତ ଗୁରୁତ୍ୱର ଅବସ୍ଥାରେ ଜଣକୁ ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ହସ୍ପିଟାଲରେ ଡାକ୍ତର ଗୁରୁତ୍ୱରକୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡ଼ିଛି । ମୃତକ ତିନି ଜଣ ହେଲେ କୁଳିଅଣା ଗ୍ରାମପଂଚାୟତ ତିଲୋକଚୁଇ ଗ୍ରାମର କୁନୁରାମ ହେମ୍ବ୍ରମ ଓ ସ୍ତ୍ରୀ ମାଳତୀ ହେମ୍ବ୍ରମ ଏବଂ ଅନ୍ୟ ଜଣେ ତାଙ୍କ ଭଉଣୀ କାପୁରା ହାଁସଦା ବୋଲି ଜଣାପଡିଛି । ଘଟଣା ସ୍ଥଳରେ ବାରିପଦା ଟାଉନ ପୋଲିସ ପହଂଚି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବାର ଜଣାଯାଇଛି । ଏବାବଦରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହିତ ଅଧିକ ତଦନ୍ତ ଚାଲିଛି ବୋଲି ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି କହିଛନ୍ତି ।

ସପ୍ତାହାନ୍ତ ବନ୍ଦରେ ପ୍ରଥମ ଦିନର ବାଲେଶ୍ୱର ସହର

ଦୋକାନ ବଜାର ବନ୍ଦ, ଜନଶୂନ୍ୟ ରାସ୍ତାଘାଟ

ବାଲେଶ୍ୱର,୨୪/୦୪ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ବାଲେଶ୍ୱରରେ ରାତ୍ରିକର୍ଫ୍ୟୁ ଜାରିଥିବା ବେଳେ ଶନିବାରଠାରୁ ଆରମ୍ଭ ହୋଇଛି ସପ୍ତାହାନ୍ତ ଦୁଇଦିନିଆ ବନ୍ଦ । ଏହି ସପ୍ତାହାନ୍ତ ବନ୍ଦ ଜିଲାର ବାଲେଶ୍ୱର, ନୀଳଗିରି,ସୋର ଓ ଜଳେଶ୍ୱର ପ୍ରଭୃତି ୪ ସହରାଞ୍ଚଳ ଓ ତତସଂଲଗ୍ନ ଗ୍ରାମାଞ୍ଚଳରେ ବି ବଳବତ୍ତର ରହିଥିବା ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କେବଳ ଔଷଧ ଦୋକାନ ବ୍ୟତୀତ ଅନ୍ୟ କୌଣସି ଦୋକାନ ଖୋଲି ନଥିବା ଦେଖିବାକୁ ମିଳିଛି । ସହର ଉପକଣ୍ଠ ଫୁଲାଡି, ନଗ୍ରମ, ରଣସାହି ପଞ୍ଚାୟତର ତପସୀ, ସାରଗାଁ ପଞ୍ଚାୟତର ସୁନ୍ଦରୀ, ପୁରୁଣା ବାଲେଶ୍ୱର, ପାତ୍ରପଡା ଓ ଗବଗାଁ ଅଂଚଳ, ରେମୁଣା ବଜାର ଓ ଗୋଲେଇ ଅଞ୍ଚଳ ସମେତ ଗନିପୁର, ଶ୍ରୀକୃଷ୍ଣପୁର, କୁରୁଡା, ବାଲିଆ, ସରସ୍ୱତୀପୁର, ଭୀମପୁରା, ଗଣେଶ୍ୱରପୁର, କରଞ୍ଜିଆ, ହରିପୁର ପ୍ରଭୃତି ୩ପାୟତରେ ମଧ୍ୟ ଏହି କଟକଣା ଲାଗୁ କରାଯାଇଛି । ଏହି ସପ୍ତାହାନ୍ତ ବନ୍ଦରେ ସାଧାରଣ ଚଳ ପ୍ରଚଳକକୁ ନିଷିଦ୍ଧ କରାଯାଇଥିବା ବେଳେ ପ୍ରାଶାସନିକ ଅଧିକାରୀ, ଡାକ୍ତର ଓ ଡାକ୍ତରଖାନା କର୍ମଚାରୀ, ଡାକ୍ତରଖାନା ଯାଉଥିବା ଯାଉଥିବା ରୋଗୀ ଓ ତାଙ୍କ ପରିବାର, ବିଦ୍ୟୁତ, ପାନୀୟଜଳ ଯୋଗାଣ, ସଫେଇ କର୍ମଚାରୀ, ଔଷଧ ଦୋକାନ, ଶିକ୍ଷାନୁଷ୍ଠାନ କର୍ମଚାରୀ, ପେଟ୍ରୋଲ ପମ୍ପ, ସାଧାରଣ ପରିବହନ ଓ ଗଣମାଧ୍ୟମ ଭଳି ଅତ୍ୟାବଶ୍ୟକ ସେବାକୁ ଏହି କଟକଣାରୁ ବାଦ ଦିଆଯାଇଛି । ସପ୍ତାହାନ୍ତ ବନ୍ଦର ପ୍ରଥମ ଦିବସରେ ବାଲେଶ୍ୱର ସହରର ସମ୍ପୂର୍ଣ୍ଣ ଜନଶୁନ୍ୟ ଭଳି ଲାଗୁଥିବା ବେଳେ ଅତି ଆବଶ୍ୟକତା ଦୃଷ୍ଟିରୁ ଜରୁରୀକାଳୀନ ସେବା ପାଇଁ ଲୋକେ କାଁ ଭାଁ ବଜାରକୁ ବାହାରୁଥିବା ପରିଲକ୍ଷିତ ହୋଇଛି । ପ୍ରାୟ ଅଧିକାଂଶ ଲୋକେ ସରକାରଙ୍କ କୋଭିଡ ନିୟମ ପାଳନ ପୂର୍ବକ ଘରେ ରହିଥିବା ଲକ୍ଷ୍ୟ କରାଯାଇଛି । ତେବେ ବାଲେଶ୍ୱରରେ ରାତ୍ରିକାଳୀନ ବନ୍ଦ ଭଳି ସପ୍ତାହାନ୍ତ ବନ୍ଦ ପାଳନରେ ପ୍ରଶାସନ ଓ ଜିଲା ପୁଲିସ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିବା ଲକ୍ଷ୍ୟ କରାଯାଇଛି । ୨୪ଘଣ୍ଟା ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ମାଇକ ଜରିଆରେ ସହର ବଜାରରେ ପ୍ରଚାର କରାଯାଇଥିଲା । ଅନୁରୂପ ଭାବେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହ ପରିସ୍ଥିତି ଉପରେ ନଜର ରଖିଥିଲା । ଏଥି ସହିତ ସହରର ପ୍ରତ୍ୟେକ ଛକରେ ମୁତୟନ ପୁଲିସ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ଯାଞ୍ଚଞ୍ଚ କରିବା ସହିତ ବାହାରକୁ ଆସିବାର କାରଣ ପଚାରିଥିଲେ । ମୋଟ ଉପରେ ବାଲେଶ୍ୱରେ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିନ ସଫଳ ହୋଇଥିବା ପରିଲକ୍ଷିତ ହୋଇଛି । ଅନ୍ୟପକ୍ଷରେ ଜିଲାର ସୀମାନ୍ତ ଅଞ୍ଚଳ ପ୍ରବେଶ ପଥରେ ଯାଞ୍ଚ କଡ଼ାକଡ଼ି ଚାଲିଥିବା ବେଳେ ଅଧିକ ସଂଖ୍ୟକ ପୁଲିସ ସେଠାରେ ମୁତୟନ ହୋଇଛନ୍ତି ।

ଶ୍ରୀନାଥ ଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ଜଳେଶ୍ୱର, ୨୪/୪ (ନିପ୍ର) : ସରକାର ବିଦ୍ୟାଳୟ ମାନଙ୍କର ମାନବୃଦ୍ଧି ତଥା ଶୈକ୍ଷିକ ପରିବେଶର ଉନ୍ନତି ଲାଗି ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସଂଶ୍ଳିଷ୍ଟ କରାଇବା ସହିତ ବିଦ୍ୟାଳୟର ଉନ୍ନତି କରିବା ଓ ସମାଜରେ ଶିକ୍ଷାର ପ୍ରଚାର ପ୍ରସାର କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି । ଏହି ଉପଲକ୍ଷେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଶାନ୍ତିଆ ଗ୍ରାମରେ ଥିବା ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ୧୬ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ଶ୍ରେଣୀ ଗୃହକୁ ଶୁକ୍ରବାର ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଶିଳାନ୍ୟାସ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ବେଜ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଶ୍ରୀ ଗିରି ଯୋଗ ଦେଇ ବିଦ୍ୟାଳୟ ଗୋଟିଏ ମନ୍ଦିର, ତେଣୁ ଏହାର ରକ୍ଷଣାବେକ୍ଷଣ ଓ ସମୃଦ୍ଧି ସ୍ଥାନୀୟ ପରିଚାଳନା କମିଟି ଓ ଗୁରୁଜି ଗୁରୁମାଙ୍କ ଉପରେ ନିର୍ଭର କରେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ସନ୍ଦିପ ଖଟୁଆ, ବ୍ଲକ ସଂଯୋଜକ ହରେନ୍ଦ୍ର ମହାନ୍ତି, ଜଳେଶ୍ୱର ବିଇଓ ବିରଂଜନ ଦାସ ମହାପାତ୍ର, ଏବିଇଓ ଲଲାଟେନ୍ଦୁ ଜେନା, ସୁଶାନ୍ତ ଜେନ, ଅଜୟ କୁମାର ଜେନା, ଓଷ୍ଟା ଜିଲା ସଂପାଦକ ମନୋରଂଜନ ଦାସ, ସିଆର୍‌ସିସି ସୁବେଶ ପ୍ରଧାନ, ପ୍ରଧାନ ଶିକ୍ଷକ କାର୍ତ୍ତିକ ବାରିକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷା ଓ ପରିବେଶର ଉନ୍ନତି ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଇବଣିଆ ଓଷ୍ଟା ସଂପାଦକ ବଂଶୀ ବାରିକ, ଜଳେଶ୍ୱର ଓଷ୍ଟା ସଂପାଦକ ଡ. ଅଜିତ୍ ମହାନ୍ତି, ସରୋଜ ପାଣିଗ୍ରାହୀ, ରାମକୃଷ୍ଣ ପରିଡା ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ପରିଚାଳନା କମିଟି ଓ କର୍ମଚାରୀ ପରିଚାଳନା କରିଥିଲେ ।

ଆନ୍ତଃରାଜ୍ୟ ବସ୍ ନିକଟରୁ ଜୋରିମାନା ଆଦାୟ

ଜଳେଶ୍ୱର, ୨୪/୪ (ନିପ୍ର) : ପଶ୍ଚିମବଂଗରୁ ଓଡିଶାକୁ ଯାତାୟାତ କରୁଥିବା ବହୁ ବସ୍ ବିନା କାଗଜପତ୍ରରେ ଚାଲୁଥିବା ବେଳେ ବ୍ରହ୍ମା ନାମକ ଏକ ଘରୋଇ ବସ୍ ହଳଦିଆରୁ ଭୁବନେଶ୍ୱର ପ୍ରତିଦିନ ଯାତାୟାତ କରିଥାଏ । ମାତ୍ର ଉକ୍ତ ବସ୍‌ଟି ଗୁରୁବାର ବିଳମ୍ବିତ ରାତ୍ରିରେ ଓଡିଶା ସୀମାନ୍ତ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଗଲାବେଳେ ଆର୍‌ଟିଓ ପକ୍ଷରୁ ଯାଞ୍ଚ କରାଯାଇଥିଲା । ବସ୍‌ର ଆବଶ୍ୟକୀୟ କାଗଜପତ୍ର ନଥିବାରୁ ଆର୍‌ଟିଓ ପକ୍ଷରୁ ୨୧,୫୦୦ଟଙ୍କା ଜୋରିମାନା କରାଯାଇଥିବା ଜଣାଯାଇଛି । ଫଳରେ ସ୍ଥାନୀୟ ଅଂଚଳର ବସ୍ ମାଲିକ ମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି ।

ରାଜଧାନୀରେ ଆଉ ୭୪୫ ପଜିଟିଭ୍

ଭୁବନେଶ୍ୱର,୨୪/୦୪ (ନି.ପ୍ର): ରାଜଧାନୀରେ ରେକର୍ଡ ଭାଙ୍ଗୁଛି କରୋନା । ହୁ ହୁ ହୋଇ ବଢୁଛି କରୋନା ସଂକ୍ରମଣ । ଏହି କ୍ରମରେ ଆଜି (ଶନିବାର) ଦୈନିକ ସଂକ୍ରମଣ ୭୦୦ ଟପି ୭୪୫ରେ ପହଂଚିଛି । ଏଥିରେ ସଂଗରୋଧରୁ ୧୪୭ ଓ ସ୍ଥାନୀୟ ଅଚଂଳରୁ ୫୯୮ ସଂକ୍ରମିତ ଅଛନ୍ତି । ୨୪ ଘଂଟାରେ ୩୯୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯୨୩୭କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୩୪୨୦୨କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୪୭୬୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୧ ରହିଛି । ଶନିବାର ଚିହ୍ନଟ ୫୯୮ ଲୋକାଲ କେସ୍ ମଧ୍ୟରୁ ପଟିଆରୁ ସର୍ବାଧିକ ୪୫, ଓଲ୍ଟାଉନରୁ ୩୩, ଖଣ୍ଡଗିରିରୁ ୩୧, ନୟାପଲ୍ଲୀରୁ ୩୦, ଝାରପଡା ଓ ଲକ୍ଷ୍ମୀସାଗରରୁ ୧୮ ଲେଖାଏଁ , ମଂଚେଶ୍ୱର ଓ ସୁନ୍ଦରପଦାରୁ ୧୭ ଲେଖାଏଁ, ବରମୁଣ୍ଡା ଓ ବଡଗଡରୁ ୧୬ ଲେଖାଏଁ , ଟଙ୍କାପାଣି ରୋଡ୍ ରୁ ୧୪ , ଡୁମଡୁମା ଓ ସହିଦନଗରରୁ ୧୩ ଲେଖାଏଁ , ଶୈଳଶ୍ରୀବିହାର , ପାତ୍ରପଡା ଓ ପୋଖରିପୁଟରୁ ୧୨ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ନୟାପଲ୍ଲୀରୁ ୧୩ , ଟଙ୍କପାଣିରୋଡ୍ ରୁ ୧୦ , ଖଣ୍ଡଗିରିରୁ ୯, ଶୈଳଶ୍ରୀବିହାର ଓ ପଟିଆରୁ ୮ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି ।

ଧାମନଗର ସହରରେ ସପ୍ତାହନ୍ତ ସଟ୍‌ଡାଉନ୍, ପରିସ୍ଥିତି ଅନୁଧ୍ୟାନ କଲେ ଏଏସ୍‌ପି

ଧାମନଗର,୨୪/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସମସ୍ତ ସହରରେ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ଥିବାବେଳେ ଶନିବାର ଓ ରବିବାର ସପ୍ତାହନ୍ତ ସର୍ଟଡ଼ାଉନ୍ କରାଯାଉଛି । ଶନିବାର ଦିନ ଧାମନଗର ସହର ସର୍ଟଡ଼ାଉନ୍ ଯୋଗୁ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଗାଡ଼ି, ମୋଟର, ଦୋକାନ- ବଜାର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ବନ୍ଦଥିଲା । କେବଳ ଅତ୍ୟାବଶ୍ୟକ ସେବା ସଂସ୍ଥା ଯଥା ମେଡ଼ିକାଲ, ଆମ୍ବୁଲାନ୍ସ ସେବା, ଔଷଧ ଦୋକାନ, କ୍ଷୀର ଦୋକାନ, ଏଟିଏମ୍ ସେବା, ବିଦ୍ୟୁତ୍ ସେବା, କ୍ଲିନିକ୍ ଆଦି ଖୋଲା ଥିବାବେଳେ ରାସ୍ତା ଘାଟ ଖାଁ ଖାଁ ଦେଖିବାକୁ ମିଳିଥିଲା । ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜତିନ କୁମାର ପଣ୍ଡା ଧାମନଗରରେ ପହଂଚି ଏନ୍‌ଏସି ଅଂଚଳର ବିଭିନ୍ନ ଛକବଜାର ସଦଳବଳେ ତଦାରଖ କରିଥିଲେ । ଧାମନଗର ଆଇଆଇସି ରତିକାନ୍ତ ଗିରି, ଏସ୍‌ଆଇ ମୋତିଲାଲ ମାରାଣ୍ଡି ପ୍ରମୁଖ ତାଙ୍କ ସହ ଉପସ୍ଥିତ ରହିବା ସହିତ ନିୟମ ଉଲଙ୍ଘନ କରିଥିବା କେତେକ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରିଥିବା ଜଣାଯାଇଛି ।

ବାଲେଶ୍ୱରରେ ଦନିକରେ ଚିହ୍ନଟ ୫୩ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୨୪/୦୪ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦବେଗ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବାଧିକ ୬,୬୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସଂକ୍ରମିଙ୍କ ମଧ୍ୟରେ ବାଲେଶ୍ୱରର ୫୩ ଜଣ ଅଛନ୍ତି । ଅଦ୍ୟବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୩ ହଜାର ୭୮୧ରେ ପହଞ୍ଚିଥିବା ବେଳେ ତନ୍ମଧ୍ୟରୁ ୧୨ହଜାର ୮୪୨ ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଏବେ ୮୩୬ ଜଣ କରୋନା ଚିକିତ୍ସିତ ଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଜିଲାର ଜଣେ ୨୯ ବର୍ଷର ଯୁବକଙ୍କ ମୃତ୍ୟୁ ହୋଇଛି । ଶନିବାର ସୁଦ୍ଧା ଜିଲାରେ କରୋନା ସଂକ୍ରମଣ ଜନିତ ମୃତ୍ୟୁ ସଂଖ୍ୟା ୧୦୩ରେ ପହଞ୍ଚିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ମୋଟ ୫୩ ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସହରର ସହଦେବଖୁଣ୍ଟା, ବାଲୁବଜାର, ମାନସିଂବଜାର, ରେଳ ଷ୍ଟେସନ ପ୍ରଭୃତି ଅଂଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଅଛନ୍ତି । ସେହିପରି ସଦର ବ୍ଲକର ଝଗଡପାଢ଼ୀ ଓ ପରିଖ ଅଂଚଳରୁ ଜଣେ ଲେଖାଏଁ ଏବଂ ଅନ୍ୟାନ୍ୟ ଅଂଚଳରୁ ୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ଭୋଗରାଇ ବ୍ଲକରୁ ୨୧ ଜଣ, ବସ୍ତା ବ୍ଲକରୁ ୪ ଜଣ, ବାଲିଆପାଳ ବ୍ଲକରୁ ୪ ଜଣ, ନୀଳଗିରି ବ୍ଲକରୁ ୩ ଜଣ, ବାହାନଗା ବ୍ଲକରୁ ୩ ଜଣ, ରେମୁଣା ବ୍ଲକରୁ ୨ ଜଣ ଓ ସିମୁଳିଆ ବ୍ଲକରୁ ୨ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଭୋଗରାଇ ବ୍ଲକର ବର୍ତ୍ତନା ଅଂଚଳରୁ